# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in

RNI No.ODIODI/2024/17847

୦୧ ବର୍ଷ Volume-01

ISSUE - 55 ସଂଖ୍ୟା-୫୫

ଭୁବନେଶ୍ୱର, ଗୁରୁବାର ୧୩, ମାର୍ଚ୍ଚ ୨୦୨୫

Bhubaneswar, Thursday, 13, March 2025

୦୮ ପୃଷ୍ଠା Pages-08

ମୂଲ୍ୟ : ୭.୦୦ ଟଙ୍କା Price : Rs.7.00

E-Mail : satyanews24.bbsr@gmail.com

Like, Follow & Subscribe Satya News24


## ପାକିସ୍ତାନ ଟ୍ରେନ୍ ଅପହରଣ କାହାଣୀ ଅନ୍ତ ଘଟିଲା

# ୩୪୬ ବନ୍ଧକ ମୁକ୍ତ, ୨୮ ସୈନିକ ନିହତ

### ■ ଅପରେଶନରେ ଅତି କମରେ ୩୩ ଆତଙ୍କବାଦୀ ନିହତ



**ନୂଆଦିଲ୍ଲୀ :** ପାକିସ୍ତାନ ସେନା ବୁଧବାର ବେଲୁଚିସ୍ତାନ ପ୍ରଦେଶରେ ଆତଙ୍କବାଦୀଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସମସ୍ତ ଟ୍ରେନ୍ ଯାତ୍ରୀଙ୍କୁ ସଫଳତାର ସହ ମୁକ୍ତ କରିଥିବା ସେନା ଅଧିକାରୀମାନେ ନିଶ୍ଚିତ କରିଛନ୍ତି। ଏହି ଅପରେଶନରେ ଅତି କମରେ ୩୩ ଆତଙ୍କବାଦୀ ନିହତ ହୋଇଥିଲେ, ଯେତେବେଳେ ୨୭ ଅଣ-କାର୍ଯ୍ୟରତ ସୈନିକ ଏବଂ ଜଣେ ସେନା କର୍ମଚାରୀ ଘେରାବନ୍ଦୀରେ ପ୍ରାଣ ହରାଇଥିଲେ। "ଅପରେସନ ସମୟରେ ୩୪୬ ବନ୍ଧକଙ୍କୁ ମୁକ୍ତ କରାଯାଇଥିଲା ଏବଂ ୩୦ ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ," ଜଣେ ସେନା ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି।ପ୍ରାୟ ୪୦୦ ଯାତ୍ରୀଙ୍କୁ ନେଇ ଜାଫର ଏକ୍ସପ୍ରେସ କ୍ୱେଟାରୁ ପେଶାୱର ଯାଉଥିବା ବେଳେ ଆତଙ୍କବାଦୀମାନେ ବିସ୍ଫୋରକ ବ୍ୟବହାର କରି ଲାଇନଚ୍ୟୁତ ହୋଇଥିବା ଟ୍ରେନକୁ କବଜା କରିଥିଲେ। କ୍ୱେଟାରୁ ପ୍ରାୟ ୧୬୦ କିଲୋମିଟର ଦୂରରେ ଗୁଡାଲାର ଏବଂ ପିରୁ କୁନରିର ପର୍ବତମୟ ଅଞ୍ଚଳ ନିକଟରେ ଏହି ଆକ୍ରମଣ ଘଟିଥିଲା। ବାଲୁଚ୍ ଲିବରେସନ୍ ଆର୍ମି (ଇଖଇ) ଅପହରଣ ପାଇଁ ଦାୟୀ, ଯାହା ଗୋଷ୍ଠୀ ଦ୍ୱାରା ଏକ ଯାତ୍ରୀବାହୀ ଟ୍ରେନ୍ ସହିତ ଜଡିତ ପ୍ରଥମ ଘଟଣା। ସେନା ଅଧିକାରୀଙ୍କ ଅନୁଯାୟୀ, ରେସ୍କ୍ୟୁ ଅପରେସନ ଅତ୍ୟନ୍ତ ସତର୍କତାର ସହିତ କରାଯାଇଥିଲା, କାରଣ ଆତଙ୍କବାଦୀମାନେ ମହିଳା ଏବଂ ପିଲାମାନଙ୍କୁ ମାନବ ଢାଲ ଭାବରେ ବ୍ୟବହାର କରିଥିଲେ। ସାମରିକ ଅଭିଯାନର ଶେଷ ପର୍ଯ୍ୟାୟ ବଳକା ବନ୍ଧକମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପୂର୍ବରୁ ପ୍ରଥମେ ୧୯୦ ରୁ ଅଧିକ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। କିଛି ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଥିଲା। ଆଭ୍ୟନ୍ତରୀଣ ରାଜ୍ୟମନ୍ତ୍ରୀ ତଲାଲ୍ ଚୌଧୁରୀ କହିଛନ୍ତି ଯେ ଆକ୍ରମଣରେ ପ୍ରାୟ ୭୦ ରୁ ୮୦ ଆତଙ୍କବାଦୀ ସାମିଲ ଥିଲେ। ସେ ଭୁଲ ସୂଚନା ବିରୁଦ୍ଧରେ ମଧ୍ୟ ଚେତାବନୀ ଦେଇଥିଲେ, ସ୍ପଷ୍ଟ କରିଥିଲେ ଯେ ଅଞ୍ଚଳରେ ମୋବାଇଲ୍ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓଗୁଡ଼ିକ ନକଲି ଥିଲା।

# ଭାରତ ଓ ମରିସସ୍ ମଧ୍ୟରେ ୮ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସ୍ୱାକ୍ଷର

### ବ୍ୟବସାୟ, ସାମୁଦ୍ରିକ ସୁରକ୍ଷାରେ ସହଯୋଗ ବଢ଼ାଇବା ଲକ୍ଷ



**ନୂଆଦିଲ୍ଲୀ :** ଭାରତ ଓ ମରିସସ୍ ନିଜ ସମ୍ପର୍କକୁ ଉନ୍ନତ ରଣନୈତିକ ସହଯୋଗୀର ମାନ୍ୟତା ଦେଇ ୮ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସ୍ୱାକ୍ଷର କରିଛନ୍ତି । ଏହି ବୁଝାମଣାର ଉଦ୍ଦେଶ୍ୟ ବ୍ୟବସାୟ, ସାମୁଦ୍ରିକ ସୁରକ୍ଷା ଓ ଅନ୍ୟ କ୍ଷେତ୍ରରେ ସହଯୋଗ ବଢାଇବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରିସସ୍‌ର ରାଷ୍ଟ୍ରୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ଭାରତୀୟ ନୌସେନାର ଏକ ଯୁଦ୍ଧ ପୋତ ଓ ବାୟୁସେନାର ଆକାଶ ଗଙ୍ଗା ସ୍କାଇଡାଇଭିଂ ଟିମ୍ ମଧ୍ୟ ଅଂଶଗ୍ରହଣ କରିଥିଲା । ପ୍ରଧାନମନ୍ତ୍ରୀ ମୋଦୀ ବୈଶ୍ୱିକ ଦକ୍ଷିଣର ବିକାଶ ପାଇଁ ମହାସାଗର (ମ୍ୟୁଚୁଆଲ୍ ଆଣ୍ଡ ହଲିଷ୍ଟିକ୍ ଆଡଭାନ୍ସମେଣ୍ଟ ଫର୍ ସିକ୍ୟୁରିଟି ଆଣ୍ଡ ଗ୍ରୋଥ୍ ଆକ୍ରସ୍ ରିଜନ୍ସ) ନାଁରେ ନୂଆ ନୀତି ଘୋଷଣା କରିଛନ୍ତି । ଏହି ନୀତି ୨୦୧୫ରେ ଆରମ୍ଭ କରାଯାଇଥିବା ସାଗର (ସିକ୍ୟୁରିଟି ଆଣ୍ଡ ଗ୍ରୋଥ୍ ଫର୍ ଅଲ୍ ଇନ୍ ଦ ରିଜନ୍) ନୀତିର ବିସ୍ତାର ଅଟେ । ସେ କହିଛନ୍ତି ଯେ ଭାରତ ଓ ମରିସସ୍ ଉଭୟଙ୍କ ପାଇଁ ଭାରତ ମହାସାଗରକୁ ମୁକ୍ତ, ସୁରକ୍ଷିତ ଓ ସ୍ଥିର ରଖିବା ପ୍ରାଥମିକତା ରହିଛି । ଭାରତ ମରିସସ୍‌ର ବିଶେଷ ଆର୍ଥିକ କ୍ଷେତ୍ରର ସୁରକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ କରିବ ।ବାଣିଜ୍ୟ ପାଇଁ ରାଷ୍ଟ୍ରୀୟ ମୁଦ୍ରାର ବ୍ୟବହାର - ଉଭୟ ଦେଶ ବାଣିଜ୍ୟ ପାଇଁ ନିଜ ନିଜ ମୁଦ୍ରା (ଭାରତୀୟ ଟଙ୍କା ଏବଂ ମରିସସ୍ ଟଙ୍କା) ବ୍ୟବହାର କରିବେ ।ସାମୁଦ୍ରିକ ତଥ୍ୟ ଆଦାନପ୍ରଦାନ - ସାମୁଦ୍ରିକ ସୁରକ୍ଷା ଏବଂ ପର୍ଯ୍ୟବେକ୍ଷଣ ପାଇଁ ମିଳିତ ପ୍ରୟାସ କରାଯିବ । ମନି ଲଣ୍ଡ୍ରିଂ ରୋକିବା ପାଇଁ ପାରସ୍ପରିକ ସହଯୋଗ । ଏମଏସଏମଇ କ୍ଷେତ୍ରରେ ସହଯୋଗ - କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହିତ କରାଯିବ । ତଟରକ୍ଷୀ ବାହିନୀକୁ ସୁଦୃଢ଼ କରିବା – ଭାରତ ମରିସସକୁ ତା'ର ତଟରକ୍ଷୀ ବାହିନୀର ଆବଶ୍ୟକତା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବ ।ପୋଲିସ ଏକାଡେମୀ ଏବଂ ସାମୁଦ୍ରିକ ସୂଚନା କେନ୍ଦ୍ର ପ୍ରତିଷ୍ଠା । ଚାଗୋସ୍ ଦ୍ୱୀପପୁଞ୍ଜ ପ୍ରସଙ୍ଗରେ ସମର୍ଥନ – ମରିସସର ସାର୍ବଭୌମତ୍ୱ ପ୍ରତି ସମ୍ମାନ କଥା ଦୋହରାଇଲା ଭାରତ। ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଏବଂ କୃତ୍ରିମ ବୁଦ୍ଧିମତ୍ତାକ୍ଷେତ୍ରରେ ସହଯୋଗ ଉପରେ ସହମତି ।

# ବାଇକ୍-ପିକ୍ଅପ୍ ଭ୍ୟାନ୍ ଧକ୍କା, ଦୁଇ ମୃତ

**ବୌଦ୍ଧ :** ମର୍ମନ୍ତୁଦ ସଡକ ଦୁର୍ଘଟଣା । ବାଇକ୍-ପିକ୍ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ବୌଦ୍ଧ ଆଦର୍ଶ ଥାନା ଅନ୍ତର୍ଗତ ଭେଜିମାଲ ନିକଟରେ ଦୁର୍ଘଟଣା ଘଟିଛି । ମୃତକ ଜଗତି ଗ୍ରାମର ନିତ୍ୟାନନ୍ଦ ଜଟି ଓ ନକୁଆନାଳି ଗ୍ରାମର ଲକି ସ୍ୱାଇଁ । ଘଟଣାସ୍ଥଳରେ ଆଦର୍ଶ ଥାନା ପୋଲିସ ତଦନ୍ତ ଜାରି ରଖିଛି । ସୂଚନାଯୋଗ୍ୟ ଯେ, ଜଗତି ଗ୍ରାମର ନିତ୍ୟାନନ୍ଦ ଜଟି ଓ ନକୁଆନାଳି ଗ୍ରାମର ଲକି ସ୍ୱାଇଁ ଗୋଟିଏ ବାଇକ୍ ଯୋଗେ ବୌଦ୍ଧ ପଟକୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍ଅପ୍ ଗାଡ଼ି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରି ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଛି । ତେବେ କେଉଁ କାରଣରୁ ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ସେ ନେଇ ଏ ପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ଜଣାପଡ଼ିନଥିବା ବେଳେ ଘଟଣାସ୍ଥଳରେ ଆଦର୍ଶ ଥାନା ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି । ସେପଟେ ଦୁର୍ଘଟଣା ଘଟାଇ ପିକ୍ଅପ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ମାରିଥିବା ସୂଚନା ମିଳିଥିବା ବେଳେ ଗାଡ଼ିଟିକୁ ପୋଲିସ ଜବତ କରି ତଦନ୍ତ ଜାରି ରଖିଛି ।

## ଓଡ଼ିଶାରେ ୪୦ ଡିଗ୍ରୀ ଟପିଲା ତାପମାତ୍ରା

# ଆଜିଠାରୁ ପଶ୍ଚିମ ଓଡିଶାରେ ଜାଳିବ

### ■ ୪ ଦିନ ପାଇଁ ହିଟ୍ ୱେଭ୍ ଜାରି



**ଭୁବନେଶ୍ୱର :** ଉପକୂଳରୁ ଉପାନ୍ତ ସବୁଠି ତାତି ତାଉଥିବା ବେଳେ ଆସନ୍ତାକାଲିଠୁ ଜଳିବ ପଶ୍ଚିମ ଓଡ଼ିଶା । ହୋଲିରେ ଅନୁଭବ ହେବ ଟାଇଁ ଟାଇଁ ଖରା। ଚଳିତ ସପ୍ତାହରେ ୪ ଦିନର ହିଟ ୱେଭ ବା ଗ୍ରୀଷ୍ମ ପ୍ରବାହ ନେଇ ସୂଚନା ଜାରି କରିଛି ପାଣିପାଗ ବିଭାଗ। ଆଞ୍ଚଳିକ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ୧୩ , ୧୪, ୧୫ ଓ ୧୬ ତାରିଖ ୪ ଦିନ ପାଇଁ ହିଟୱେଭ ଜାରି କରିଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ଅସ୍ତବ୍ୟସ୍ତ କରିବ ଅସମ୍ଭାଳ ତାତି। ୪ ଦିନ ଯାଏ ପ୍ରବଳ ଖରା ନେଇ ୟେଲୋ ସହ ଅରେଞ୍ଜ ୱାର୍ଣ୍ଣ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର। ଆସନ୍ତାକାଲି ଅର୍ଥାତ ୧୩ ତାରିଖରେ ବଲାଙ୍ଗୀର,ବୌଦ୍ଧ, ସମ୍ବଲପୁର ଓ ଝାରସୁଗୁଡା ଆଭ୍ୟନ୍ତରୀଣ ଓଡ଼ିଶାର ୪ ଜିଲ୍ଲା ପାଇଁ ୟେଲୋ ସତର୍କତା ଜାରି କରିଛି ବିଭାଗ। ସେହିପରି ୧୪ ତାରିଖରେ ପ୍ରବଳ ଖରା ନେଇ ୬ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗିର ଓ ଅନୁଗୁଳ କୁ ୟେଲୋ ୱାର୍ଣ୍ଣ ଜାରି । ୧୫ ତାରିଖ ତାରିଖରେ ପ୍ରବଳ ଖରା ନେଇ ୫ ଜିଲ୍ଲା ସୁନ୍ଦରଗଡ଼, ସୋନପୁର, ଅନୁଗୁଳ ,ବରଗଡ଼ ଓ ମୟୁରଭଞ୍ଜ କୁ ୟେଲୋ ୱାର୍ଣୀ ଜାରି କରାଯାଇଛି । ସେହିପରି ୧୬ ତାରିଖରେ ୬ ଜିଲ୍ଲା ବଲାଙ୍ଗୀର ,ବୌଦ୍ଧ,ସୋନପୁର ,ବରଗଡ଼,ସୁନ୍ଦରଗଡ ଓ ମୟୁରଭଞ୍ଜ କୁ ୟେଲୋ ବର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ। ସେପଟେ ଦିନରେ ଗ୍ରୀଷ୍ମ ପ୍ରବାହ ସହ ରାତିରେ ଉଷ୍ମ ରାତିର ଅନୁଭବ ହେବ ବୋଲି ବିଭାଗ ପୂର୍ବାନୁମାନ କରିଥିବା ବେଳେ ଏନେଇ ଅରେଞ୍ଜ ବର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ। ୧୩ ତାରିଖରେ ବଲାଙ୍ଗୀର ,ବୌଦ୍ଧ, ଝାରସୁଗୁଡା ଓ ସମ୍ବଲପୁର ସହ ୧୪ ତାରିଖରେ ସମ୍ବଲପୁର ଓ ଝାରସୁଗୁଡାକୁ ଉଷ୍ମ ରାତ୍ରି ପାଇଁ ଅରେଞ୍ଜ ବର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ । ଏହିସବୁ ଜିଲ୍ଲାବାସୀଙ୍କୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ସାଢ଼େ ୩ଟା ଭିତରେ ଯେତେଦୂର ସମ୍ଭବ ଘରୁ ପଦାକୁ ନବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ପରିସ୍ଥିତି ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏଥିସହ ୪-୫ ଦିନ ଭିତରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩ରୁ ୪ ଡିଗ୍ରୀ ଯାଏ ବଢିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏଥର ରେକର୍ଡ ଭାଙ୍ଗିବ ତାତି । ମାର୍ଚ୍ଚରୁ ମେ' ଯାଏଁ ସ୍ୱାଭାବିକ ଠାରୁ ଅଧିକ ରହିବ ଦିନ ତାପମାତ୍ରା । ମାର୍ଚ୍ଚରୁ ମେ' ମଧ୍ୟରେ ଗ୍ରୀଷ୍ମ ଲହର ଅବଧି ବୃଦ୍ଧି ସମ୍ଭାବନା ରହିଛି । ଅସ୍ୱାଭାବିକ ଗରମ ସାଙ୍ଗକୁ ପୂର୍ବ ରେକର୍ଡ ଭାଙ୍ଗିପାରେ ତାତି । ମାସ ତମାମ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ରହିବ ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।ଚଳିତ ବର୍ଷ ପ୍ରଥମ ଥର ପାଇଁ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ବୌଦ୍ଧ ୪୦.୫ ଡିଗ୍ରୀ ସେଲସିୟସରେ ଫୁଟିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ସୂଚନା ମିଳିଛି। ଆଇଏମଡିର ତଥ୍ୟ ଅନୁଯାୟୀ ବୁଧବାର ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା (୪୦.୫ ଡିଗ୍ରୀ ସେଲସିୟସ) ରେକର୍ଡ କରାଯାଇଥିବା ବେଳେ, ବଲାଙ୍ଗିରରେ ଆଜି ଦ୍ୱିତୀୟ ସର୍ବାଧିକ ତାପମାତ୍ରା ୩୯.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏହା ପରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ରେ ୩୯.୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସମ୍ବଲପୁରରେ ୩୯.୩ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି।

# ମହାକାଶରୁ ଫେରିବେ ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମୋର

**ନୂଆଦିଲ୍ଲୀ :** ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପ୍ରାୟ ୧୦ ମାସ ରହିବା ପରେ ନାସାରେ ଫସି ରହିଥିବା ମହାକାଶଚାରୀ ସୁନୀତା ୱିଲିୟମ୍ସ ଖୁବ୍ ଶୀଘ୍ର ସାଥୀ ମହାକାଶଚାରୀ ବୁଚ୍ ୱିଲ୍ମୋରଙ୍କ ସହ ପୃଥିବୀକୁ ଫେରିବାକୁ ଯାଉଛନ୍ତି। ଅପ୍ରତ୍ୟାଶିତ ବୈଷୟିକ ସମସ୍ୟା କାରଣରୁ ସେମାନଙ୍କର ୧୦ ଦିନିଆ ମିଶନକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ନାସାର ଏହୁ ଉଦ୍ଧାର ଅଭିଯାନକୁ ସରକାରୀ ଅନୁମୋଦନ ମିଳିଛି ଏବଂ ସ୍ପେସ୍ ଏକ୍ସର ଡ୍ରାଗନ୍ ମହାକାଶଯାନ ମହାକାଶଚାରୀମାନଙ୍କୁ ପୃଥିବୀକୁ ଫେରାଇ ଆଣିବ ବୋଲି ଜଣାପଡିଛି। ଗତ ୮ ତାରିଖରେ 'କ୍ରୁ-୯'ର ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ନାସା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଘୋଷଣା କରିଥିଲା, ଯେଉଁଥିରେ ମହାକାଶଚାରୀ ୱିଲିୟମ୍ସ, ୱିଲ୍ମୋର, ନିକ୍ ହେଗ ଏବଂ ଆଲେକ୍ସାଣ୍ଡର ଗୋରବୁନୋଭ ସଦସ୍ୟ ଅଛନ୍ତି। ଆଇଏସଏସରେ 'କ୍ରୁ-୧୦'ର ଆଗମନ ପର୍ଯ୍ୟନ୍ତ ସେମାନେ ପୃଥିବୀକୁ ଫେରିବେ ନାହିଁ । 'କ୍ରୁ-୧୦' ମାର୍ଚ୍ଚ ୧୨ ତାରିଖ ଭାରତୀୟ ସମୟ ସଂଧ୍ୟା ୫ଟା ୧୮ ମିନିଟରେ ଉଡ଼ାଣ ଭରିବ ଏବଂ 'କ୍ରୁ-୯' ମାର୍ଚ୍ଚ ୧୬ରେ ଉଡ଼ାଣ କରିବ। ନାସାର ଜଣେ ମୁଖପାତ୍ର କହିଛନ୍ତି, ମାର୍ଚ୍ଚ ୧୨ରେ 'କ୍ରୁ-୧୦'ର ଉତକ୍ଷେପଣ ପାଇଁ 'କ୍ରୁ-୯' ମାର୍ଚ୍ଚ ୧୬ରେ ଉଡ଼ାଣ ଭରିବ। ଏଭଳି ସମନ୍ୱିତ ସମୟ ଦ୍ୱାରା ଆଇଏସଏସରେ ମହାକାଶଚାରୀମାନଙ୍କୁ ସୁରୁଖୁରୁରେ ସ୍ଥାନାନ୍ତର କରାଯାଇପାରିବ ଏବଂ ମହାକାଶ ଷ୍ଟେସନରେ କରାଯାଉଥିବା ଅପରେସନରେ ନିରନ୍ତରତା ବଜାୟ ରଖାଯାଇପାରିବ ।ସୁନିତା ୱିଲିୟମ୍ସ ଏବଂ ବ୍ୟାରି ୱିଲମୋରଙ୍କୁ ପ୍ରଥମେ ଆଇଏସଏସରେ ୧୦ ଦିନିଆ ମିଶନ ଦିଆଯାଇଥିଲା। ତେବେ ମହାକାଶଯାନରେ ଗୁରୁତର ବୈଷୟିକ ତ୍ରୁଟି କାରଣରୁ ଏହି ଅଭିଯାନର ସମୟସୀମାକୁ ବଢ଼ାଇ ଦିଆଯାଇଥିଲା। ଦୀର୍ଘକାଳୀନ ଅଭିଯାନ ଆହ୍ୱାନପୂର୍ଣ୍ଣ ଥିଲା କିନ୍ତୁ ମହାକାଶରେ ମୂଲ୍ୟବାନ ବୈଜ୍ଞାନିକ ଗବେଷଣା ଏବଂ ପର୍ଯ୍ୟବେକ୍ଷଣ ମଧ୍ୟ ହାସଲ କରିଥିଲା।

### ■ ବିଧାନସଭାରେ ଧସ୍ତାଧସ୍ତି ଘଟଣା

# ୨୭ରେ ବିଧାନସଭା ଘେରିବ କଂଗ୍ରେସ

### ବାଚସ୍ପତିଙ୍କୁ ଭେଟିଲେ ବିଜେଡ଼ି ନେତା
### ତାରାଙ୍କ ନିଲମ୍ବନ ନିଷ୍ପତ୍ତି ପୁର୍ନବିଚାର କରିବାକୁ ଅନୁରୋଧ



**ଭୁବନେଶ୍ୱର :** ବିଧାନସଭାରେ ବିରୋଧୀ ଓ ଶାସକ ଦଳ ହାତାହାତି ହେବା ପରେ କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କୁ ୭ ଦିନ ପାଇଁ ନିଲମ୍ବନ ଘଟଣାରେ ମାର୍ଚ୍ଚ ୨୭ରେ ବିଧାନସଭା ଘେରିବ କଂଗ୍ରେସ। ନାରୀ ନିର୍ଯାତନାକୁ ଅସ୍ତ୍ର କରିବ ଦଳ । ବୁଧବାର କଂଗ୍ରେସ ଭବନରେ ହୋଇଥିବା ୮୨ବରିଷ୍ଠ ନେତାଙ୍କ ଉପସ୍ଥିତିରେ ହୋଇଥିବା ବ୍ରେନ୍ ଷ୍ଟର୍ମିଂ ସେସନରେ ପ୍ରସ୍ତୁତ ହୋଇଛି ରଣନୀତି । ଏହି ବୈଠକରେ ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଇଓଉଉ ସମ୍ପାଦିକା ରୋଜାଲିନ ତିର୍କୀ ମଧ୍ୟ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଓଡ଼ିଶାରେ ତୃଣମୂଳ ସ୍ତରରେ କିଭଳି କଂଗ୍ରେସ କର୍ମୀଙ୍କୁ ଅଧିକ କ୍ରିୟାଶୀଳ କରାଯିବ, ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେନେଇ ମଧ୍ୟ ପ୍ରସ୍ତୁତ ହୋଇଛି ବ୍ଲୁ-ପ୍ରିଣ୍ଟ । ସେହିଭଳି ବିଧାନସଭାରେ କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ବିରୋଧରେ ହୋଇଥିବା ଆକ୍ସନ ପ୍ରସଙ୍ଗରେ ମଧ୍ୟ ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି କଂଗ୍ରେସ । ମହିଳାମାନଙ୍କ ସୁରକ୍ଷା ପାଇଁ ସରକାର କୌଣସି ପଦକ୍ଷପ ନେଇନାହାନ୍ତି । ଏପରିକି ମହିଳା ସୁରକ୍ଷା ପାଇଁ ସରକାର କୌଣସି ଟୋଲ ଫ୍ରି ନମ୍ବର ବି ଜାରି କରି ନାହାନ୍ତି । ରାଜ୍ୟରେ ବେଆଇନ ଖଣି ଖାଦାନ ଖନନ କରାଯାଉଛି । ଏହାକୁ ରୋକିବା ଲାଗି ସରକାର କୌଣସି ପଦକ୍ଷପ ନେଉନାହାନ୍ତି । ରାଜ୍ୟକୁ ଭାଗ ଭାଗ କରିବାକୁ ପ୍ରୟାସ କରୁଛନ୍ତି ଶାସକ ଦଳର ସଦସ୍ୟ । ଏସବୁ ପ୍ରସଙ୍ଗକୁ ଅସ୍ତ୍ର କରି ଆନ୍ଦୋଳନକୁ ବ୍ୟାପକ କରିବ କଂଗ୍ରେସ । ରାଜ୍ୟ ସରକାର କଂଗ୍ରେସର ସ୍ୱରକୁ ଚାପି ପାରିବେ ନାହିଁ । ଏଭଳି କିଛି ରଣ ହୁଙ୍କାର ଦେଇଛନ୍ତି ଦଳୀୟ ନେତା । ରାଜ୍ୟ କଂଗ୍ରେସର ଆଜିର ବୈଠକରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବରିଷ୍ଠ ନେତା ସୁରେଶ ରାଉତରାୟ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବିଧାୟକ ତାରା ବାହିନୀପତି, ସୋଫିଆ ଫିର୍ଦୌଶ, ମଙ୍ଗୁ ଖିଲଙ୍କ ଭଳି ବହୁ ବରିଷ୍ଠ ନେତା ମାନସ ମନ୍ଥନରେ ସାମିଲ ହୋଇ ନିଜ ନିଜର ମତବ୍ୟକ୍ତ କରିଥିଲେ । ଅନ୍ୟପଟେ ତାରାଙ୍କ ସମର୍ଥନରେ ବାହାରିଲା ବିଜୁ ଜନତା ଦଳ । ମଙ୍ଗଳବାରର ଘଟଣାକୁ ନେଇ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟିଲେ ବିଜେଡି ନେତା । ବାଚସ୍ପତିଙ୍କୁ ଭେଟିବା ପରେ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ସେ କହିଛନ୍ତି, ମଙ୍ଗଳବାର ଘଟିଥିବା ଘଟଣାର ତର୍ଜମା କରିବାର ଆବଶ୍ୟକତା ଥିଲା । କଂଗ୍ରେସ ଦଳର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନିଲମ୍ବନ ନିଷ୍ପତ୍ତି ପୁର୍ନବିଚାର କରନ୍ତୁ ବାଚସ୍ପତି ।

## ରାଜଧାନୀରୁ ଟ୍ରାଫିକ ସମସ୍ୟା ଦୂର ହେବ

# ପଳାଶୁଣି ଗଙ୍ଗୁଆ ନାଳ ଉପରେ ହେବ ୬ ଲେନ୍ ରାସ୍ତା

### ■ ୫୦ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ରମନ୍ତ୍ରୀ



**ଭୁବନେଶ୍ୱର :** ଦୂର ହେବାକୁ ଯାଉଛି ଭୁବନେଶ୍ୱର ପଳାଶୁଣିରେ ଦୀର୍ଘ ବର୍ଷର ଟ୍ରାଫିକ୍ ସମସ୍ୟା। ଗଙ୍ଗୁଆ ନାଳ ଉପରେ ୬ ଲେନ୍ ବିଶିଷ୍ଟ ରାସ୍ତା ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ। ଦିଲ୍ଲୀ ଗସ୍ତରେ ଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ପଳାଶୁଣି ଗଙ୍ଗୁଆ ନାଳ ଉପରେ ଥିବା ବ୍ରିଜର ପ୍ରଶସ୍ତିକରଣ ତଥା ପଳାଶୁଣିରେ ଟ୍ରାଫିକ୍ ସମସ୍ୟାର ଦୂରୀକରଣ ନେଇ ୬ ଲେନ୍ ବିଶିଷ୍ଟ ରାସ୍ତା ପ୍ରକଳ୍ପରେ ମୋହର ବାଜିଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପ୍ରମୁଖ ପ୍ରବେଶ ଦ୍ୱାର ହେଉଛି ପଳାଶୁଣି ଓ ରସୁଲଗଡ଼। କଟକରୁ ଭୁବନେଶ୍ୱରକୁ ସଂଯୋଗର ପ୍ରମୁଖ ପ୍ରବେଶ ମଧ୍ୟ ପଳାଶୁଣି। ପ୍ରତ୍ୟକ ଦିନ ଏହି ରାସ୍ତାରେ ସକାଳେ ଓ ସନ୍ଧ୍ୟାରେ ପ୍ରବଳ ଟ୍ରାଫିକ୍ ସମସ୍ୟାର ସାମ୍ନା କରିଥାନ୍ତି ରାଜଧାନୀବାସୀ। ଏହାର ଦୂର କରିବାକୁ ବିଭିନ୍ନ ସମୟରେ ଶତାଧିକ ଲୋକଙ୍କ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ ତଥା ଗଙ୍ଗୁଆ ନାଳ ଉପର ବ୍ରିଜର ପ୍ରଶସ୍ତିକରଣ ନେଇ ଦାବି ହୋଇ ଆସୁଥିଲା। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଭୁବନେଶ୍ୱର ସାଂସଦଙ୍କ ପ୍ରସ୍ତାବ ଅନୁସାରେ ପଳାଶୁଣିରେ ଥିବା ୪ ଥାକିଆ ରାସ୍ତାକୁ ୬ ଥାକିଆ କରାଯିବ। ବର୍ତ୍ତମାନ ଗଙ୍ଗୁଆ ନାଳ ଉପରେ ୪ ଥାକିଆ ପୋଲ ରାସ୍ତା ରହିଛି। ଏହା ଦେଇ ଯାଇଥିବା ଏନଏଚ ୧୬ର ଟ୍ରାଫିକ୍ ସମସ୍ୟାକୁ ଏହା ଦୂର କରିପାରୁନି। ତେଣୁ ଭୁବନେଶ୍ୱର ସାଂସଦଙ୍କ ଅନ୍ୟତମ ଡ୍ରିମ୍ ପ୍ରୋଜେକ୍ଟ ଭାବରେ ଏଠାରେ ଏକ ୬ ଥାକିଆ ଲେନ୍ ବିଶିଷ୍ଟ ରାସ୍ତା କରାଯିବ। ୪ ଥାକିଆ ରାସ୍ତାରେ ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଆଉ ଗୋଟିଏ ଲେଖାଏ ଲେନ୍ ରାସ୍ତା ବାହାର କରାଯିବ। ୨୪୦ ମିଟର ଲମ୍ବ ବିଶିଷ୍ଟ ପୋଲ ଉପରେ ଆଉ ଦୁଇଟି ଅତିରିକ୍ତ ଲେନ୍ ପୋଲ ରାସ୍ତା ନିର୍ମାଣ କରାଯିବା ନେଇ ଭୁବନେଶ୍ୱର ସାଂସଦ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପକୁ ମଞ୍ଜୁରି ଦେଇଥିବାରୁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି ଭୁବନେଶ୍ୱର ସାଂସଦ ।ଏହି ଅବସରରେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚର୍ଚ୍ଚା ହୋଇଥିବା ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଗତମାସରେ ପଳାଶୁଣିରେ ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମରେ ଏକ ଫୁଟ୍ ଓଭର ବ୍ରିଜର ମଧ୍ୟ ଲୋକାର୍ପଣ ହୋଇଥିଲା। ଯାହାକି ସ୍ଥାନୀୟ ଲୋକଙ୍କର ଦୀର୍ଘ ବର୍ଷର ଦାବି ରହିଥିଲା। ଏବେ ପଳାଶୁଣିରେ ୪ ଲେନ୍ ରାସ୍ତାକୁ ୬ ଲେନ୍ ବିଶିଷ୍ଟକୁ ପ୍ରଶସ୍ତିକରଣ କରାଗଲେ, ବାସ୍ତବରେ ପଳାଶୁଣିରେ ବହୁ ମାତ୍ରାରେ ଟ୍ରାଫିକ୍ ଜାମରୁ ନିସ୍ତାର ମିଳିବ ବୋଲି ଆଶା କରାଯାଉଛି ।

# ଦିନତମାମ ବିଦ୍ୟୁତକାଟ : ଲୋକେ ଅତିଷ୍ଠ

- ମାର୍ଚ୍ଚ ମାସ ଆସିଲେ ତେଜନ୍ତି ବିଦ୍ୟୁତ୍ ବିଭାଗ
- ବିଲ ଦିଅନ୍ତୁ ନଚେତ ବିଦ୍ୟୁତ୍ କାଟିବୁ

**ଲାଞ୍ଜିଗଡ,(ନି.ପ୍ର) :** ବିଦ୍ୟୁତ ବିଭାଗର ଲୁଚକାଳି ଖେଳ ଏବେ ଲୋକଙ୍କ ପାଇଁ କାଳ ସାଜିଛି। ବର୍ତ୍ତମାନର ଅସହ୍ୟ ଗରମ ଓ ଗୁଳୁଗୁଳି ହେଉଥିବା ଦିନର ୨୪ ଘଣ୍ଟା ମଧ୍ୟରୁ ୧୬ରୁ୧୭ ଘଣ୍ଟା ବାରମ୍ବାର ବିଦ୍ୟୁତକାଟ ଯୋଗୁଁ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ଲୋକେ ବହୁମାତ୍ରାରେ ଅତିଷ୍ଠ ହୋଇପଡ଼ିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି । ବିଦ୍ୟୁତ୍ ବିଭାଗ ଟାଟା କଂପାନୀକୁ ଯିବା ପରେ ଲୋକେ ଉତ୍ତମ ଗୁଣବତ୍ତା ସେବା ପାଇବେ ବୋଲି ଆଶା କରିଥିଲେ ତେବେ ଟାଟା କମ୍ପାନୀ ବିଦ୍ୟୁତ ବିଭାଗର ଦାୟିତ୍ୱ ନେବା ପରେ ବିଦ୍ୟୁତ ଦେୟ ପରିମାଣ ବହୁ ପରିମାଣରେ ବଢ଼ିଲା ସିନା ବିଦ୍ୟୁତ ସେବା ଠିକସେ ମିଳିଲା ନାହିଁ ଯାହାକୁ ନେଇ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଦିନକୁ ଦିନ ଜନଆକ୍ରୋଶ ତୀବ୍ର ହେବାରେ ଲାଗିଛି । ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ବ୍ଲକର ଦୁର୍ଗମ ଅଞ୍ଚଳରେ ଚୋରି ଓ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଅନେକ ଛୋଟବଡ଼ ବିଦ୍ୟୁତ୍ ଚାଳିତ କଳକାରଖାନା ବନ୍ଦ ହୋଇଯାଇଛି । ସେହିପରି ବୃଦ୍ଧବୃଦ୍ଧା, ରୋଗୀ ଓ ଶିଶୁମାନେ ବିଦ୍ୟୁତକାଟ ଯୋଗୁଁ ତ୍ରାହିତ୍ରାହି ଡାକ ଛାଡୁଥିବାବେଳେ ଦିନତମାମ ବିଦ୍ୟୁତ ଯିବାଆସିବା ଲାଗି ରହିଥିବାରୁ ଗରିବଗୁରୁବା ମାନେ ବିଦ୍ୟୁତ ସଂଯୋଗ ଥାଇ ବି ଅନ୍ଧାର ମଧ୍ୟରେ କାଳ କାଟୁଛନ୍ତି । ଦିନ ଓ ରାତିସାରା ଲୋକେ ପ୍ରବଳ ଗରମରେ ସିଝୁଥିବାବେଳେ ମଶାକାମୁଡ଼ା ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଦେଉଛି ଅନ୍ୟ ପଟେ ବିଭାଗୀୟ ମନ୍ତ୍ରୀ ମହାଶୟ ଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ ପାଇଁ ଚେଷ୍ଟା କଲେ ତାଙ୍କ ମୋବାଇଲ ଫୋନ ସୁଇଚ ଅଫ ଥାଏ ଏବଂ ଭାଗ୍ୟବସତ ଯଦି ବି କଲ ଲାଗିଲେ ସାର ଫୋନ ଉଠାନ୍ତି ନାହିଁ।



କୌଣସି ଜାଗାରେ ତାର ଛିଣ୍ଡି ଯାଇଥିବ, ଗଛ ପଡିଥିବ କି କୌଣସ ଜାଗାରେ ତାରରୁ ନିଆଁ ବାହାରିବା ଦେଖିଲେ ହିଁ ଲୋକେ ବିଭାଗୀୟ ଯନ୍ତ୍ରୀଙ୍କୁ କଲ କରନ୍ତି ନଚେତ ଅଞ୍ଚଳରେ ବିଦ୍ୟୁତ୍ ନଥିଲେ ହିଁ ଫୋନ କରନ୍ତି କିନ୍ତୁ ତାଙ୍କର କଣ ଯାଏ ଆସେ ଲାଇଟ୍ ଗଲେ ସାର ଫୋନ ଅଫ କରି ପୋଡୋସି ରାୟଗଡା ଜିଲ୍ଲା ଅମ୍ବାଦୋଲା ସ୍ଥିତ ବାସଭବନରେ ଏସି ଲଗାଇ ଆରାମରେ ସୋଇଯାଆନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେବା ସହିତ ଘୋର ନିନ୍ଦା କରୁଛନ୍ତି ।ଏଣୁ ବିଦ୍ୟୁତସେବା ଅନୁପାତରେ ହିଁ ବିଦ୍ୟୁତ ବିଲ୍ ଦେବାକୁ ଜନସାଧାରଣ ମନସ୍ତ କରିଥିବା ସୂଚନା ମିଳିଛି କ୍ଷ ଏପରିକି ବିଜୁଳି ନାହିଁ ତ ବିଲ୍ ଦେବୁ କାହିଁ ପାଇଁ' ଓ 'ଲାଞ୍ଜିଗଡ଼ ଅଞ୍ଚଳ କୁ ୨୪ଡ଼୭ ନିରନ୍ତର ବିଦ୍ୟୁତ ଯୋଗାଉ ଥିବାରୁ ବିଦ୍ୟୁତ ବିଭାଗକୁ ଅଶେଷ ଅଶେଷ ଧନ୍ୟବାଦ ଶୀର୍ଷକ ଏବେ ସୋସିଆଲ୍ ମିଡ଼ିଆରେ ଟ୍ରେଣ୍ଡ କରୁଥିବା ଦେଖିବାକୁ ମିଳିଛି । ଏପରି ହେଲେ ଆଗାମୀ ଦିନରେ ବିଦ୍ୟୁତ ବିଭାଗର ରାଜସ୍ୱ ଓ ଆୟ ଆଶାତୀତ ଭାବେ ହ୍ରାସ ପାଇବ ବୋଲି ତଥ୍ୟାଭିଜ୍ଞ ମହଲରେ ମତ ପ୍ରକାଶ ପାଉଛି ଏଣୁ ସମୟ ଥାଉଣୁ ବିଦ୍ୟୁତ ବିଭାଗ ବିଦ୍ୟୁତସେବା ଓ ବିଦ୍ୟୁତ ଯୋଗାଣରେ ସୁଧାର ନଆଣିଲେ କମ୍ପାନୀକୁ ପରିଣାମ ଭୋଗିବାକୁ ପଡ଼ିପାରେ ବୋଲି ଅଞ୍ଚଳରେ ଆଲୋଚନା ଜୋର ଧରିଛି ।

### ଶୁଖିଲାଣି ଧାଙ୍ଗରୀନାଳା ଜୋର

# ଜଳସେଚନ ଚିନ୍ତାରେ କାପସି ଗାଁର ଚାଷୀ

**ସିନାପାଲି,(ନି.ପ୍ର) :** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କାପସି ଗାଁ ଦେଇ ଯାଇଥିବା ଧାଙ୍ଗରୀନାଳା ଜୋର ସୁଖା ହୋଇଗଲାଣି କ୍ଷ ଯୁଆଡେ ଦେଖିବେ ଖାଲି ବାଲି ମାଟି, ପାଣି ଦେଖା ଯାଉନି । ଏପରି ସ୍ଥିତିରେ ଜଳସେଚନ ଚିନ୍ତା ଘାରିଛି କାପସି ଗାଁର ଚାଷୀଙ୍କୁ । ଧାଙ୍ଗରୀନାଳା ଜୋର ର ଦୁଇ ପାର୍ଶ୍ୱ ଅଞ୍ଚଳ ରେ ଏକର ଏକର ଧାନ ଚାଷ ହୋଇଛି । ଆଉ ଚାଷ ଜମିକୁ ପାଣି ଦରକାର ପଡୁଥିବା ବେଳେ ନାଳା ଶୁଖିଲା ପଡିଛି । କେତେକ ସ୍ଥାନ ରେ ନାଳା ଭିତରେ ଚହଲା ଖୋଲି ପାଣି ନେବା କୁ ଚେଷ୍ଟା କରୁଛି ହେଲେ ଚହଲା ରେ ଆବଶ୍ୟକ ପାଣି ମିଳୁନି । ଏପରି ସ୍ଥିତିରେ ଚାଷ ଜମିକୁ ପାଣି ନ ମିଳିବାରୁ ଧାନ ସବୁ ମାରିବାରେ ଲାଗିଲାଣି । ସେପଟେ ଧାଙ୍ଗରୀନାଳା ଜୋର ଉପରମୁଣ୍ଡ ରେ ସରକାର ଙ୍କ ମୂଳାବସା ଡ୍ୟାମ ରହିଛି । ସେଠାରୁ ନାଳା କୁ ପାଣି ଛାଡିବାକୁ ଦାବୀ ହୋଇଛି । ଏ ନେଇ ନିର୍ବାଚିତ ପ୍ରତିନିଧି, ରାଜନେତା ଏବଂ ବିଭାଗୀୟ ଅଧିକାରୀ ଙ୍କୁ ଭେଟି ସମସ୍ୟା ଜଣାଇଲେବି ଡ୍ୟାମ ରୁ ପାଣି ମିଳୁନ ଥିବା ଚାଷୀ ଅଭିଯୋଗ କରିଛନ୍ତି । ଚାଷୀ ଚାଷ କୁ ବଞ୍ଚାଇବା କୁ ନାଳା ଭିତରେ ଗାତ, ଚହଲା ଖୋଲି ସଂଗ୍ରହ କରୁଥିବା ପାଣି ନିଅଣ୍ଟ ପଡୁଛି ତେଣୁ ଏବେ ଚିନ୍ତାରେ ଥିବା କହିଛନ୍ତି ଚାଷୀ ଧବଳେଶ୍ୱର ଦାସ, ଦେବାନନ୍ଦ ମାଝୀ, ଚତୁର ମାଝୀ, ସୁରେଶ ମେହେର, ମିତ୍ରଭାନୁ ମେହେର, ପ୍ରଦୀପ କାଣ୍ଡ, ମଧୁ ମେହେର ଅଭିଯୋଗ କରିଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀ ଙ୍କୁ ପଚାରିବାରୁ ନାଳା ଭିତରେ କିଛି ସମସ୍ୟା ଯୋଗୁଁ ପାଣି ତଳ ଅଞ୍ଚଳ କୁ ଯିବା ସମସ୍ୟା ହେଉଥିବା କହିଛନ୍ତି ।



# ଅଟୋ ଦୁର୍ଘଣାରେ ୧୩ ଜଣ ଯାତ୍ରୀ ଆହାତ



**ନନ୍ଦପୁର,(ନି.ପ୍ର) :** ବ୍ଲକ ଥୁବା ପଞ୍ଚାୟତ ଅନ୍ତର୍ଗତ ପାତ୍ରପଣ୍ଡି ଗାଁ ରେ ଆଜି ସନ୍ଧ୍ୟା ରେ ଏକ ଅଟୋ ଦୁର୍ଘଟଣା ଘଟି ୧୩ ଜଣ ଯାତ୍ରୀ ଆହତ ହୋଇ ଡାକ୍ତର ଖାନା ରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ବାପୁନି ଖଡା (୨୦) ଗୌରୀ ମାଟାମ ((୪୫) ଦେବକୀ ଗତନ୍ (୭୪) ମୋହନ ମାଟାମ (୪୦) ରଜନୀ ମାଝି (୨୧) ପୁଷ୍ପା ମାଟାମ (୧୪) ସୋନୁ ମାଟାମ (୪୫) ଶଙ୍କର ମାଟାମ (୫୪) ଦାସୁ ମାଟାମ (୩୭) ଲକ୍ଷ୍ମୀ ଗୁଣ୍ଡା (୨୫) ସିମାଦ୍ରି ମାଟାମ (୨୭) ନିସାଇ ମାଟାମ ଓ ଦଶୁଦା ମାଟାମ । ବାପୁନି ଖଡା ଓ ଗୌରୀ ମାଟାମ ଙ୍କ ଅବସ୍ଥା ଗୁରୁତର ଥିବାରୁ ଏହି ଦୁହିଁଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୁ ସ୍ଥାନାନ୍ତର କରାଯାଇଛି ।ଆଜି ସନ୍ଧ୍ୟା ରେ ବିଲାପୁଟ ପଞ୍ଚାୟତ ଅନ୍ତର୍ଗତ ପାତ୍ରପୁଟ ଗାଁ ର ଏକ ଅଟୋ ଏହି ଯାତ୍ରୀ ଙ୍କୁ ନେଇ ପାତ୍ରପଣ୍ଡି ନିକଟ ରେଳ ଧାରଣ ର ଭୂତଳ ସେତୁ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇ ଅଟୋ ଟି ଓଲଟି ପଡ଼ିଥିଲା। ପାତ୍ରପଣ୍ଡି ଗାଁ ର ଯୁବକ ମାନେ ଆମ୍ବୁଲାନ୍ସ ଡାକି ସେଥିରେ ସମସ୍ତ ଆହତଙ୍କୁ ନନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଥିଲେ।

# ଯୁବକଙ୍କ ଗଳାକାଟି ନିର୍ମମ ହତ୍ୟା

**କୋଇଡା,(ନି.ପ୍ର) :** ସୁନ୍ଦରଗଡ଼ ଜିଲ୍ଲା କୋଇଡା ଥାନା ଅନ୍ତର୍ଗତ ତନ୍ତୁଳଡ଼ିହି ଆରପି କଲୋନୀ ରେ ବିଳମ୍ବିତ ରାତି ରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟି ଯାଇଛି ଓ ମିଳିଥିବା ସୂଚନା ଅନୁଯାଇ ସୁନ୍ଦରଗଡ଼ ଜିଲ୍ଲା କୋଇଡା ଥାନା ଅନ୍ତର୍ଗତ ତେନ୍ତୁଳଡ଼ିହି ଆରପି କଲୋନୀ ନିବାସୀ ଅନାମ ପାତ୍ର ଏବଂ ଗନ ମୁଣ୍ଡା ଙ୍କ ପୁତ୍ର ଗୋବିନ୍ଦ ମୁଣ୍ଡା (୨୧) ବର୍ଷ ଙ୍କ ମଧ୍ୟରେ ମଙ୍ଗଳ ବାର ଦିନ କୌଣସି କାରଣ କୁ ନେଇ ଝଗଡା ହୋଇଥିଲା ଓ ଏହା ପରେ ସନ୍ଧ୍ୟା ରେ ଏହି ଝଗଡା ର ଆପୋଷ ବୁଝାମଣା ଦ୍ୱାରା ମିଳାମିଶା ପରେ ଉଭୟ ନିଜ ନିଜ ଘରକୁ ଯାଇଥିଲେ ଓ କିନ୍ତୁ ଏତିକି ରେ ଅନାମ ର ରାଗ ଶାନ୍ତ ହୋଇ ନଥିଲା ଓ ମଙ୍ଗଳ ବାର ବିଳମ୍ବିତ ରାତିରେ ଅନାମ ପାତ୍ର ଗୋବିନ୍ଦ ଶୋଇଥିବା ଏକ ପରିତ୍ୟକ୍ତ ସ୍କୁଲ ଘର କୋଠରୀ ରେ ପଶି କୌଣସି ଧାରୁଆ ଅସ୍ତ୍ର ସାହାଯ୍ୟରେ ଗୋବିନ୍ଦ ର ଗଳା କାଟି ହତ୍ୟା କରିଥିଲା ଓ ଆଜି ସକାଳୁ ଗ୍ରାମବାସୀ ମାନେ ଗୋବିନ୍ଦ ମୁଣ୍ଡା ଙ୍କ ରକ୍ତାକ୍ତ ମୃତଦେହ କୋଠରୀ ମଧ୍ୟରେ ପଡି ଥିବା ଦେଖି ଘଟଣା ସମ୍ପର୍କରେ ପୋଲିସ କୁ ଖବର ଦେଇଥିଲେ ଓ କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଏବଂ ଫୋରେନସିକ ଟିମ ଘଟଣା ସ୍ଥଳରେ ପହଂଚି ମୃତ ଦେହ ଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ଓ ଏହି ଘଟଣା ରେ କୋଇଡା ପୋଲିସ କେସ ନମ୍ବର ୪୯/୨୫ ରେ ମାମଲା ରୁଜୁ କରି ଫେରାର ଆସାମୀ କୁ ଖୋଜିବା ସହିତ ଅଧିକ ତଦନ୍ତ ଜାରୀ ରଖିଛନ୍ତି ।



# ବାଇଲିଗୁଡା ଠାରେ ଅଲେଖ ମହିମା ଯଜ୍ଞ ଅନୁଷ୍ଠିତ

**ନନ୍ଦପୁର,(ନି.ପ୍ର) :** ବ୍ଲକ ଆନ୍ଧ୍ର ସୀମାନ୍ତ ଗୋଲୁର ପଞ୍ଚାୟତ ର ବାଇଲଗୁଡା ଠାରେ ଅବସ୍ଥିତ ଅଲେଖ ମହିମା ମନ୍ଦିର ରେ ମଙ୍ଗଳବାର ରାତି ର ଏକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସର ରେ ଅଲେଖ ମହିମା ଢେଙ୍କାନାଳ ଜରନ୍ଦା ଗାଦି ରୁ ମଧ ବହୁ ମହିମା ଦୀକ୍ଷା ନେଇଥିବା ସାଧୁ ମାନେ ଏଠାରେ ପହଞ୍ଚି ଥିଲେ। ପ୍ରତି ପରି ଏହି ବର୍ଷ ମଧ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ନିମନ୍ତେ ଆଖ ପାଖ ଏବଂ ଜିଲା ର ବିଭିନ୍ନ ଅଞ୍ଚଳ ର ମହିମା ଦୀକ୍ଷା ଧାରି ପରିବାର ଯୋଗ ଦେଇଥିଲେ। ଏହି ଅବସର ରେ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। କୋରାପୁଟିଆ ନାଟ ର ମଧ ଏଠାରେ ଆୟୋଜନ ହୋଇଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳ ର ଜନ ସାଧାରଣ ଉପଭୋଗ କରିବା ପାଇଁ ଭିଡ଼ ଜମାଇ ଥିଲେ।



# କୋଇଡ଼ା ଡିଗ୍ରୀ କଲେଜର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ସୁନ୍ଦରଗଡ଼,(ନି.ପ୍ର) :** କୋଇଡ଼ା ଡିଗ୍ରୀ କଲେଜର ବରିଷ୍ଠ ଦର୍ଶନ ଶାସ୍ତ୍ର ଅଧ୍ୟାପକ ଶ୍ରୀଯୁକ୍ତ ଶିତିକଣ୍ଠ ଦାସ ମହାପାତ୍ରଙ୍କ ଅଧକ୍ଷତାରେ ବୁଧବାର ଦିନ ୧୧ଘଟିକା ସମୟରେ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଏହି ଅବସରରେ କଲେଜର ଅଧ୍ୟାପକ ଶ୍ରୀଯୁକ୍ତ ସମ୍ବିତ କୁମାର ମହାନ୍ତି ମୁଖ୍ୟ ଅଥିତି ଭାବେ ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ବିତରଣ କରିବା ସହିତ ଛାତ୍ରୀ ଆତ୍ମ ସୁରକ୍ଷାର ଗୁରୁତ୍ୱକୁ ସରକାର କାହିଁକି ଡିଗ୍ରୀ କଲେଜରେ କାର୍ଯ୍ୟକାରୀ କରିଛନ୍ତି ସେସମ୍ପର୍କରେ ଆଲୋକପାତ କରିଥିଲେ। ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ପ୍ରଦୀପ କୁମାର ପଟନାୟକ ମୁଖ୍ୟ ବକ୍ତା ଭାବରେ ଛାତ୍ରୀ ଆତ୍ମ ସୁରକ୍ଷାର ଗୁରୁତ୍ୱକୁ ଛାତ୍ରୀ ମାନଙ୍କୁ ବକ୍ତବ୍ୟ ମାଧ୍ୟମରେ ଜଣାଇଥିଲେ। ଅଧ୍ୟାପିକା ଏବଂ ତାଲିମ ଶିବିରର ଶ୍ରୀମତୀ ଲକ୍ଷ୍ମୀ ରାୟ ଏବଂ ଅର୍ଥ ଶାସ୍ତ୍ର ଅଧ୍ୟାପକ ଶ୍ରୀଯୁକ୍ତ ସଞ୍ଜୟ ଦାସ ଛାତ୍ରୀ ମାନଙ୍କୁ ବିଭିର୍ଣ୍ଣ ଉପଦେଶ ମାଧ୍ୟମରେ ଛାତ୍ରୀମାନଙ୍କର ଆତ୍ମ ରକ୍ଷାର ଗୁରୁତ୍ୱକୁ ସୂଚଇଥିଲେ। ଏଥିରେ ୫୭ଜଣ ଛାତ୍ରୀଙ୍କୁ ମାନପତ୍ର ବଣ୍ଟନ କରା ଯାଇଥିଲା । କୁମାରୀ ସୀମା ଟପ୍ପ କିପରି ଶିକ୍ଷାଲାଭ ସମୟରେ କିପରି ଅଗ୍ରାଧିକାର ଦିଆଯାଏ ତାହା ଛତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ଛାତ୍ରୀମାନେ ଟିଚିଙ୍ଗ ପାଇ ବହୁତ ଉତ୍ସହ ଜଣା ପଡୁଥିଲେ । କଳା ଓ ବାଣିଜ୍ୟ ଉଭୟ ବିଭାଗର ଛାତ୍ରୀ ମାନେ ଏହି ଶିକ୍ଷା ନେଇଥିଲେ । ଏହି କାର୍ଯ୍ୟକ୍ରମ ୭ଦିନ ଧରି ଚାଲିଥିଲା । ଛାତ୍ରୀ ମାନଙ୍କ ମଧ୍ୟରେ ବହୁତ ଉତ୍ସହ ପରିଲକ୍ଷିତ ହେଉଥିଲା ।

# ଜିଲ୍ଲାପାଳ ଓ ନିର୍ବାଚନ ଅଧିକାରୀଙ୍କ ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ

**ନନ୍ଦପୁର,(ନି.ପ୍ର) :** ବ୍ଲକ କାର୍ଯ୍ୟାଳୟ କୁ ଗସ୍ତ କରିଥିଲେ କୋରାପୁଟ ଜିଲାପାଳ ଭି କିର୍ତ୍ତିଭାସନ। ଆଜି ଜିଲ୍ଲାପାଳ ଓ ନିର୍ବାଚନ ଅଧିକାରୀ ନନ୍ଦପୁର କାର୍ଯ୍ୟଳୟ ରେ ଥିବା ନିର୍ବାଚନ ଷ୍ଟ୍ରଙ୍ଗ ରୁମ ଯାଞ୍ଚ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନ ରେ ସମୟ ରେ ଏହି ଷ୍ଟ୍ରଙ୍ଗ ରୁମ କିପରି ପରିଚାଳିତ କରାଯାଇଥିଲା କେଉଁଠାରେ ହୋଇଥିଲା ଏହି ସବୁ ଉପରେ ବିଡିଓ ଦୁର୍ଗାପ୍ରସାଦ ଦୋରା ଙ୍କ ସହ ଆଲୋଚନା କରିଥିଲେ। ଏହି ଷ୍ଟ୍ରଙ୍ଗ ରୁମ ର ଓ ସୁରକ୍ଷା ବ୍ୟବସ୍ଥା ଉପରେ ଜିଲ୍ଲାପାଳ ଓ ନିର୍ବାଚନ ଅଧିକାରୀ ବିଡିଓ ଙ୍କ ସହ ଆଲୋଚନା କରିଥିଲେ।



# ମା' ଠାକୁରାଣୀଙ୍କ ଘଟପର୍ବ ଧୂମଧାମରେ କରିବା ପାଇଁ ପ୍ରସ୍ତୁତି



**ଗୁଡ଼ାରି,(ନି.ପ୍ର) :** ଗୁଡ଼ାରିରେ ମାଁ ଠାକୁରାଣୀଙ୍କ ଘଟପର୍ବ ନିମନ୍ତେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ପ୍ରଶାସନ ଓ ସହର ବାସି ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ସହର ବାସି ସମସ୍ତି ବିଭାଗର ମୁଖ୍ୟ କର୍ମଚାରି ମାନଙ୍କୁ ନିମନ୍ତ୍ରନ କରିଥିଲେ। ଏହି ବୈଠକରେ ପଞ୍ଚାୟତ ସମିତି ଅଧିକାରୀ ଶୁଚିସ୍ମିତ। ବେହେରା , ତହସିଲଦାର ଏ. ସ୍ନେହଲତା', ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ବିଜ୍ଞାପିତ ଅଞ୍ଚଳ ପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଯୋଗ ଦେଇଥିଲେ । ଏହି କମିଟି ର ସଭାପତି ବିଷ୍ଣୁ ପ୍ରସାଦ ଦେଓ, ସମ୍ପାଦକ ଶେସନପୁରୀ ଜଗଦୀଶ ବାବୁ ଙ୍କ ସମେତ ସମସ୍ତ ସଦସ୍ୟ, ସହରବାସୀ ଓ ବୁଦ୍ଧିଜୀବୀ ବୈଠକରେ ଯୋଗଦେଇ ନିଜ ନିଜ ର ମତ ପ୍ରଦାନ କରିଥିଲେ । ଠାକୁରାଣୀ ମାଁ ପର୍ବ କୁ ସବୁ ପ୍ରଶାସନ ବିଭାଗିୟ ମୁଖ୍ୟ ପକ୍ଷରୁ ସମସ୍ତେ ସହଯୋଗ ରହିବ ବୋଲି ମତ ପ୍ରଦାନ କରିଛନ୍ତି । ଠାକୁରାଣୀ ମାଁ ଙ୍କ ପର୍ବ ନିମନ୍ତେ ବ୍ଲକ ପ୍ରଶାସନର ସମସ୍ତ ସହଯୋଗ ରହିବା ନେଇ ପଞ୍ଚାୟତ ସମିତି ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ । ଶାନ୍ତିଶୃଙ୍ଖଳା ର ସହିତ କିପରି ଏହ ପର୍ବ ସମ୍ପୂର୍ଣ୍ଣ ହେବ ସେ ବିଷୟ ନେଇ ତହସିଲଦାର ଗୁରୁତ୍ୱପୂର୍ଣ୍ଣ ଆଳଚ୍ନା କରିଥିଲେ । ସଭା ଶେଷରେ ସଭାପତି ବିଷ୍ଣୁ ପ୍ରସାଦ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ ବିଭାଗର ସଚେତନତା ସଭା




**କଳାହାଣ୍ଡି,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା ମ.ରାମପୁର ବନ ବିଭାଗ ପକ୍ଷରୁ ଜୁରାଖମନ ବଙ୍ଗଳା ଠାରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଓ ବନ୍ୟପ୍ରାଣୀ ସୁରକ୍ଷା ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ବନଖଣ୍ଡ ଏସିଏଫ ଅସିତ୍ କୁମାର ଦାସ ସଭାପତିତ୍ୱ କରିଥିଲେ ।ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନୀତ ଅତିଥି ଭାବେ ସ୍ୱେଚ୍ଛାସେବୀ ସଙ୍ଗଠନ ସେବାଜଗତର ସଂପାଦକ ସତ୍ୟନାରାୟଣ ପଟ୍ଟନାୟକ, ଅଗ୍ନିଶମ ବିଭାଗର କର୍ମଚାରୀ ବ୍ରହ୍ମାନନ୍ଦ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ସମ୍ବାଦ ପ୍ରତିନିଧି ନିରଞ୍ଜନ ମହାରଣା ଯୋଗ ଦେଇ ଯଦି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଓ ବନ୍ୟପ୍ରାଣୀ ସୁରକ୍ଷା କରିବାକୁ ହେଲେ ବନ ବିଭାଗର ଯେତିକି ଦାୟିତ୍ୱ ରହିଛି ସେହିପରି ସ୍ଥାନୀୟ ଲୋକଙ୍କ ମଧ ସମାନ ଦାୟିତ୍ୱ ରହିବା ଆବଶ୍ୟକ ।ତା ସହିତ ଉପାନ୍ତ ଅଞ୍ଚଳରେ ଲୋକମାନେ ପୋଡୁଚାଷ ପାଇଁ ଜଙ୍ଗଲରେ ପ୍ରାୟତଃ ନିଆଁ ଲଗାଉଥିବା ବେଳେ ସେଥିରୁ ନିବୃତ୍ତ ରହିବାକୁ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଚେତନତା ବାର୍ତ୍ତାକୁ ନେଇ ଏକ ରଥ ମାଧ୍ୟମରେ ଗାଁ କୁ ଯାଇ ସଚେତନ କରାଯାଉଛି। ଏଥିରେ ବନ ବିଭାଗର ଫରେଷ୍ଟର, ଗାଡ଼,ଏଲିଫେଣ୍ଟ ସ୍କାଡ, ଫାୟାର ସ୍କାଡ ଅନ୍ୟାନ୍ୟ ବନ କର୍ମଚାରୀ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ବନ ବିଭାଗର ପ୍ରଦିପ ସାହୁ ପରିଚାଳନା କରିଥିବା ବେଳେ ଫରେଷ୍ଟର ଶୁଭେନ୍ଦୁ କୁମାର ବିଶି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଧଡ଼କ ଚାଲିଛି ଜଙ୍ଗଲ କଟା, କୁମ୍ଭକର୍ଣ୍ଣ ନିଦ୍ରାରେ ବନବିଭାଗ

**ଲାଞ୍ଜିଗଡ,(ନି.ପ୍ର) :** ସରକାର ନୂତନ ଜଙ୍ଗଲ ସୃଷ୍ଟି କରିବା ସହିତ ଜଙ୍ଗଲର ସୁରକ୍ଷା ପାଇଁ ପାଣି ଭଳି କୋଟିକୋଟି ଟଙ୍କା ଖର୍ଚ୍ଚକରୁଛନ୍ତି ସତ ହେଲେ ନୂତନ ଜଙ୍ଗଲ ସୃଷ୍ଟି କରବା ତୋ ଦୂରର କଥା ଓଲଟା ଦୃତଗତିରେ ହେକ୍ଟର ହେକ୍ଟର ଜଙ୍ଗଲ କାଟି ଲୋକେ ପୋଡୁ ଚାଷ କରୁଛନ୍ତି କିନ୍ତୁ ବନବିଭାଗ ଜାଣି ଶୁଣି ଚୁପଚାପ ନିରବଦ୍ରଷ୍ଟା ସାଜି ଥିବା ଅଭିଯୋଗ ହେଉଛି । କୋଟିକୋଟି ଟଙ୍କାର ମୂଲ୍ୟବାନ ଗଛକୁ ସୁରକ୍ଷା ଦେବ ବଦଳରେ କିଛି ଅସାଧୁ ବନବିଭାଗ କର୍ମଚାରୀ ମାନେ ଭିତିରିଆ ବୁଝାମଣା କରି କେଇଁଟା ଅର୍ଥ ପାଇଁ ଜଙ୍ଗଲ କାଟିବା ଅନୁମତି ଦେଇଥାଇ ପାରନ୍ତି ଯାହାଫଳରେ ଲୋକେ ନିର୍ଭୟରେ ହେକ୍ଟର ହେକ୍ଟର ଜଙ୍ଗଲ କାଟି ପୋଡୁ ଚାଷ କରୁଛନ୍ତି ବୋଲି ଅଞ୍ଚଳରେ ଅଭିଯୋଗ ହେଉଛି । ଏହି ପରି ଅଭିଯୋଗ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଦକ୍ଷିଣ ବନାଞ୍ଚଳ ବିଜେପୁର ସେକସନ ଘାଟିକୁଣ୍ଡରୁ ଜଙ୍ଗଲରେ । ଏହି ଜଙ୍ଗଲ ବିଜେପୁର ବନାଞ୍ଚଳ କାର୍ଯ୍ୟାଳୟରୁ ହାରାହାରି ୬କିଲୋମିଟର ହେଉଥିବା ବେଳେ ଘାଟିକୁଣ୍ଡରୁ ଠାରୁ ପାହାଡ ପଦର ସଂଯୋଜଗ କରୁ ଥିବା ମୁଖ୍ୟ ରାସ୍ତା କଡରେ ଦୂଇ ପାର୍ଶ୍ୱର ବେଆଇନ ଭାବେ ହେକ୍ଟର ହେକ୍ଟର ଜଙ୍ଗଲ କଟା ଚାଲିଛି କିନ୍ତୁ ଏହି ରାସ୍ତା ଦେଇ ବନବିଭାଗ କର୍ମଚାରୀ ମାନେ ପ୍ରତି ଦିନ ଯିବା ଆସିବା କରିଥାନ୍ତି ହେଲେ ବନବିଭାଗ କର୍ମଚାରୀ ମାନଙ୍କ ନଜର ପଡୁନି କି ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଅଞ୍ଚଳରେ ଚର୍ଚ୍ଚା ଆଲୋଚନା ହେଉଛି । ତେବେ ଜଙ୍ଗଲ କାଟୁ ଥିବା ଲୋକଙ୍କ ସହିତ କୌଣସି ଭିତିରିଆ ସଲାସୁତୁରା ଥାଇପାରେ ଫଳରେ ବନବିଭାଗ ଚୁପ ରହୁଛି ବୋଲି ସଧାରଣରେ ସନ୍ଦେହ ସୃଷ୍ଟି କରୁଛି । ଏହି ଜଙ୍ଗଲରେ ଶାଳ, ହରିଡ଼ା, ବାହାଡା,ଅଁଳା,ବିଜା ଭଳି ଅନେକ ମୂଲ୍ୟବାନ ଗଛକୁ ସମ୍ପୂର୍ଣ୍ଣ ବେଆଇନ ଭାବେ କାଟି ଅବଶିଷ୍ଟାଂଶକୁ ପୋଡି ଦେଇ ଲୋକେ ପୋଡୁ ଚାଷ କରୁଛନ୍ତି । ଏନେଇଁ ବନବିଭାଗ ପାକରେ ଖବର ଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରାହଣ କରୁ ନ ଥିବା ଯୋଗୁଁ ଦିନକୁ ଦିନ ଜଙ୍ଗଲ ଧ୍ୱଂସ ହେଉଛି ଓ ଜଙ୍ଗଲୀ ବନ୍ୟଜନ୍ତୁ ଏବେ ଜନବସତି ମୁହାଁ ହେଉଛି । ଉଭୟ ଜଙ୍ଗଲୀ ଜନ୍ତୁ ଓ ମଣିଷଙ୍କ ମଧ୍ୟରେ ମୁହାଁମୁହିଁ ହେଉଥିବା ବେଳେ ଅନେକ ମନୁଷ୍ୟର ଜୀବନ ଯାଉଛି । ତେବେ ଜଙ୍ଗଲ ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ଦ୍ୱାରା ଆସୁଥିବା ବିଭିନ୍ନ ଅନୁଦାନକୁ ହଡ଼ପ କରି ବନବିଭାଗର ଅଧିକାରୀମାନେ ମାଲାମାଲ ହେଉଛନ୍ତି । କିନ୍ତୁ ଦିନ ଦ୍ୱିପ୍ରହରରେ ଖୁଲମ ଖୁଲା ମୂଲ୍ୟବାନ ଗଛ କାଟି ଦିନକୁ ଦିନ ଜଙ୍ଗଲ ସ୍ୱଂସ କରି ଲୋକେ ପୋଡୁ ଚାଷ କରୁଛନ୍ତି କିନ୍ତୁ ବନବିଭାଗର ପଡୁନି ନଜର କି ନେଉନାହାନ୍ତି କୌଣସି କାର୍ଯ୍ୟାନୁଷ୍ଠାନ ବୋଲି ଅଞ୍ଚଳରେ ବେଶ ଚର୍ଚ୍ଚା ହେଉଛି । ବନବିଭାଗ ଜାଣିଶୁଣି ଦେଖି, ଶୁଣ, ଚୁପରୁହ ନୀତି ଅବଲମ୍ବନ କରୁଥିବା ଯୋଗୁଁ ଦିନକୁ ଦିନ ଜଙ୍ଗଲ ସୃଷ୍ଟି ହେବା ବଦଳରେ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି ବୋଲି ବୁଦ୍ଧି ଜୀବି ମହଲରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ତେବେ ଖବର ପ୍ରକାଶ ପରେ ବନବିଭାଗ ତତ୍ପରତା ଦେଖାଉଛି ନା ଜାଣି ଶୁଣି ଚୁପଚାପ ନୀତି ଅବଲମ୍ବନ କରୁଛି ତାହା ଦେଖିବାକୁ ବାକି ରହିଲା ।



# ବିପଦସଂକୁଳ ଅବସ୍ଥାରେ ଜଗତସିଂହପୁର ଶିର୍ଲୋ ନୂଆ ଗାଁ ରାସ୍ତା



**ରଘୁନାଥପୁର,(ନି.ପ୍ର) :** ଜଗତସିଂହପୁର ଶିର୍ଲୋ ନୁଆ ଗାଁ ପୂର୍ତ୍ତ ବିଭାଗ ରାସ୍ତାଟି ବିପଦ ସଂକୁଳ ଅବସ୍ଥାରେ ରହିଥିବା ବେଳେ ବିଭାଗୀୟ ଅଧିକାରି ଙ୍କ ବେପରୁଆ ମନୋଭାବ ଯୋଗୁଁ ଏହି ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀ ମାନଙ୍କ ଅସମୟରେ ଧନ ଜୀବନ ହାନି ହେବାର ଆଶଙ୍କା ଦେଖାଯାଇଛି। ଜଗତସିଂହପୁର ଶିର୍ଲୋ ନୁଆ ଗାଁ ଭାୟା ରଘୁନାଥପୁର ପୂର୍ତ୍ତ ବିଭାଗ ରାସ୍ତାଟି ଜଗତସିଂହପୁର ଜିଲ୍ଲା ସଦର ମହକୁମାକୁ ଯିବାର ଏକ ପ୍ରମୁଖ ରାସ୍ତା ଅଟେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମୁଖ୍ୟ ନ୍ୟାୟାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ ଏବଂ ବିଭିନ୍ନ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟକୁ ଅତି ଜରୁରୀ କାର୍ଯ୍ୟ ପାଇଁ ଦୈନନ୍ଦିନ ରଘୁନାଥପୁର, ଶିର୍ଲୋ,ତାରପୁର, ନିଶ୍ଚିନ୍ତକୋଇଲି, ସାଲେପୁର, କେନ୍ଦ୍ରାପଡ଼ା, କଟକ ସଦର ବ୍ଲକର ଶହ ଶହ ଯାତ୍ରୀ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏଥି ସହିତ ଏହି ରାସ୍ତା ଉପରେ ପ୍ରତ୍ୟେହ ଆମ୍ବୁଲାନ୍ସ,ଦମକଳ ଗାଡି ଭଳି ଜରୁରୀକାଳୀନ ଗାଡ଼ି ଗୁଡିକ ଚଳପ୍ରଚଳ କରିଥାଏ। କିନ୍ତୁ ଏହି ରାସ୍ତାଟି ଅଣ ଓସାରିଆ ଥିବାରୁ ବହୁ ସମୟରେ ଦୁଇଟି ଗାଡ଼ି ପରସ୍ପର ଅତିକ୍ରମ କରି ନପାରି ଟ୍ରାଫିକ ସମସ୍ୟା ଉପୁଜି ଥାଏ। ଏହାକୁ ଦୃଷ୍ଟିରେ ରଖି ଏହି ରାସ୍ତାର ପ୍ରଶସ୍ତିକରଣ ପାଇଁ ରଘୁନାଥପୁର ସଚେତନ ନାଗରିକ ମଞ୍ଚ, ରଘୁନାଥପୁର ଜଗତସିଂହପୁର ରୋଡ଼ କମିଟି ଓ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ବିଭାଗୀୟ ଅଧିକାରି, ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରା ଯାଇଥିଲେ ମଧ୍ୟ ବିଭାଗର ବେପରୁଆ ମନୋଭାବ ଯୋଗୁଁ ଏହି ରାସ୍ତାର ପ୍ରଶସ୍ତିକରଣ ଦୂରେଥାଉ ଏହାର ମରାମତି କାର୍ଯ୍ୟ ଠିକ୍ ସମୟରେ କରା ଯାଉ ନଥିବାରୁ ରାସ୍ତା ଉପରକୁ ଅନାବନା ଘାସ ମାଡ଼ି ଆସିବା ସହ ଗର୍ତ୍ତ ସୃଷ୍ଟି ହୋଇଛି। ଏଥି ସହିତ ବିଦ୍ୟୁତ ବିତରଣ ସଂସ୍ଥା ଟିପିସିଓଡିଏଲ ଏହି ରାସ୍ତା ଉପରେ ଉଚ୍ଚ କ୍ଷମତା ସଂପନ୍ନ ବିଦ୍ୟୁତ ଖୁଣ୍ଟ ପୋତି ଥିବାରୁ ଏହି ରାସ୍ତାର ପ୍ରଶସ୍ତିକରଣ ମାର୍ଗ ଏକ ରକମ ସଂପୁର୍ଣ୍ଣ ବନ୍ଦ ହୋଇ ଯାଇଥିବା ସୂଚନା ପ୍ରଦାନ କରିଛି। ରାସ୍ତାଟିର ପ୍ରଶସ୍ତିକରଣ ଗୁରୁତ୍ୱକୁ ଉପଲବ୍ଧି କରି ଏହାର ତୁରନ୍ତ ସମାଧାନ ପାଇଁ ନବ ନିର୍ମାଣ କୃଷକ ସଂଗଠନର ସଂଯୋଜକ ରଶ୍ମି ରଂଜନ ସ୍ୱାଇଁ ଦୃଢ଼ ଦାବୀ କରିବା ସହିତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

# ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଆୟୋଜିତ



**ଯାଜପୁର,(ନି.ପ୍ର) :** ସ୍ଥାନୀୟ ପ୍ରଶାସନିକ ଭବନ ପଡିଆ ଠାରେ ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଲେ ଲକ୍ଷପତି ଦିଦି ତିଆରି କରିବା ପାଇଁ ଏହି ଜିଲ୍ଲାସ୍ତରୀୟ କର୍ମଶାଳା ଉପସ୍ଥିତ ମହିଳା ମାନଙ୍କର ମାର୍ଗଦର୍ଶନ କରିବ। ସରକାରଙ୍କର ବିଭିନ୍ନ ଯୋଜନା ମାଧ୍ୟମରେ ସେମାନେ କେମିତି ଉନ୍ନତି କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତରେ ସବୁଠାରୁ ଅଧିକ ଲକ୍ଷପତି ଦିଦି ଗଠନ କରିବା ତାଙ୍କର ସ୍ୱପ୍ନ ଓ ଆକାଂକ୍ଷା ରହିଛି। ମା' ମାନେ ସଶକ୍ତ ହେଲେ ତାଙ୍କ ପରିବାରର ଉନ୍ନତି ହେବ। ପିଲାମାନେ ଭଲ ପାଠ ପଢିବେ। ବିକଶିତ ଦେଶ ଗଠନରେ ମା' ମାନଙ୍କର ଭାଗନେବା ନିହାତି ଦରକାର। ମା' ମାନଙ୍କର ସାମାଜିକ, ଅର୍ଥନୈତିକ ସଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି। ମହିଳାମାନେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ, କୁକୁଡ଼ାଚାଷ, ଛତୁଚାଷ, ପନିପରିବା ଚାଷ, ଟେଲରିଂ, ମାଣ୍ଡିଆ ଚାଷ, ମାଇକ୍ରୋଇଣ୍ଡଷ୍ଟ୍ରି ମାଧ୍ୟମରେ କମ୍ୟୁନିଟି ସପୋର୍ଟ ମାଧ୍ୟମରେ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ହୋଇପାରିବ। ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ କହିଲେ ପରିବାରକୁ ଠିକଣା ଭାବରେ ଚଳାଇବାକୁ ମା' ମାନଙ୍କର ପ୍ରମୁଖ ଭୂମିକା ରହିଛି। ମା' ମାନେ ବହୁ କଷ୍ଟ ସ୍ୱୀକାର କରୁଛନ୍ତି। ସେମାନଙ୍କୁ ଆର୍ଥିକ ଭାବରେ ସ୍ୱାବଲମ୍ବୀ ହେବା ପାଇଁ ସରକାର ସହଯୋଗ କରୁଛନ୍ତି। ମହିଳା ମାନଙ୍କର ନିଷ୍ଠା ଓ ପ୍ରଚେଷ୍ଟା ରହିଛି ସେମାନଙ୍କୁ ମାର୍ଗଦର୍ଶନ କରାଗଲେ କେଉଁ ବାଟରେ ଯାଇ ସେମାନେ ଲକ୍ଷପତି ନୁହେଁ କୋଟିପତି ଦିଦି ହୋଇପାରିବେ । ଆମ ଜିଲ୍ଲାର ୯୦ ହଜାର ଲକ୍ଷପତି ଦିଦି ଟାର୍ଗେଟ ଥିବା ବେଳେ ଆମେ ୧ ଲକ୍ଷ ଲକ୍ଷପତି ଦିଦି ତିଆରି କରି ପାରିବା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡି.ସି.ପି ମିଶନ ଶକ୍ତି ସିତାଂଶୁ ଶେଖର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଲେ ଲକ୍ଷପତି ଦିଦି ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଥିଲେ। ଏହାର ମୂଳ ଲକ୍ଷ୍ୟ ଥିଲା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ନିଜ ଗ୍ରାମରେ ଛୋଟ ଛୋଟ ବ୍ୟବସାୟ କରି ନିଜକୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ସହିତ ନିଜକୁ ଲକ୍ଷପତି ଦିଦି ହିସାବରେ ଗଢି ତୋଳିବା ଏହି ଯୋଜନା ମାଧ୍ୟମରେ ୨ କୋଟି ମହିଳାଙ୍କୁ ପ୍ଲମ୍ବିଂ,ଏଲ.ଇ.ଡି ବଲ୍ ବ ତିଆରି, ଟେଲରିଂ, ଡ୍ରୋନ୍, ଅପରେଟିଂ ଏବଂ ମରାମତି ଭଳି ବିଭିନ୍ନ କୌଶଳ ଉପରେ ତାଲିମ ଦିଆଯିବ। ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମାଇକ୍ରୋ ଉଦ୍ୟୋଗ ଆରମ୍ଭ କରିବାକୁ ଏସ.ଏଚ୍.ଜି ମହିଳା ମାନଙ୍କୁ ଉତ୍ସାହିତ କରିବା, ମହିଳା ମାନଙ୍କୁ ଲକ୍ଷପତି ଦିଦି କରିବାର ସରକାରଙ୍କ ମୁଖ୍ୟ ଆଭିମୁଖ୍ୟ ହେଉଛି ସେମାନେ ନିଜର ପିଲାମାନଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ଆବଶ୍ୟକ ଅର୍ଥ ଖର୍ଚ୍ଚ କରିବାକୁ ସକ୍ଷମ ହୋଇ ପାରିବେ।ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆମ ଜିଲ୍ଲାର ୯୦,୧୬୮ ଜଣ ପୋଟେନ୍ସିଆଲ ଲକ୍ଷପତି ଦିଦି ଙ୍କୁ ଏହି ଯୋଜନା ଉପରେ ତାଲିମ ଦିଆଯାଇଛି। କିପରି ସେମାନେ ଲକ୍ଷପତି ଦିଦି ହୋଇପାରିବେ। ଏଥି ମଧ୍ୟରୁ ଆଜି ସୁଦ୍ଧା ୩୯,୮୯୭ ଜଣ ମହିଳା ନିଜକୁ ଲକ୍ଷପତି ଦିଦି ହିସାବରେ ସାବ୍ୟସ୍ତ କରି ସାରିଲେଣି। ଏହି କର୍ମଶାଳାରେ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା , ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର, ଡି.ଡି.ଏମ, ନାବାର୍ଡ, ପ୍ରମୁଖ ଯୋଗଦେଇ ଉପସ୍ଥିତ ମହିଳା ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା, ସବସିଡି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ବି.ପି.ଏମ, ଓ.ଏଲ.ଏମ ଶ୍ରୀନିବାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅନିଶ୍ଚିତ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ, ହନ୍ତସନ୍ତ ଗ୍ରାମବାସୀ

**ଚିତ୍ରକୋଣ୍ଡା,(ନି.ପ୍ର) :** ବିଦ୍ୟୁତ ବିଭାଗ ପକ୍ଷରୁ ମାନମାନୀ ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଗୋଟିଏ ପଞ୍ଚାୟତ ବାସୀନ୍ଦା ।ଅତିରିକ୍ତ କରେଣ୍ଟ ବିଲ ଆସିବା ସହ କର୍ମଚାରୀ ଙ୍କ ମନମୁଖୀ କାର୍ଯ୍ୟକଳାପ ଦ୍ୱାରା ଅନ୍ଧାର ରେ ଖାଉଟି ।ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ପାପର ମେଟଲା ପଞ୍ଚାୟତ ସ୍ତରରେ। ପଂଚାୟତ ବାସୀନ୍ଧା ଙ୍କ ଅଭିଯୋଗ Tpsodl(tata) କର୍ମଚାରୀ ମାନେ ବିଲ ଦେଇ ସଙ୍ଗେ ସଙ୍ଗେ ବକେୟା ଟଙ୍କା ପ୍ରଦାନ କରିବାକୁ କହିଥିଲେ ।ଏପଟେ ଖାଉଟି ଙ୍କ ଅତିରିକ୍ତ କରେଣ୍ଟ ବିଲ ।କାହାର ୧୨୦୦୦ ତ କାହାର ୧୫୦୦୦ ଆରମ୍ଭ କରି ୫୦୦୦୦ ଯାଏଁ କରେଣ୍ଟବିଲ ଆସିଥିବା ରୁ ଖାଉଟି ମୁଣ୍ଡରେ ଚଡକ ପଡିଛି ।ଖରାଦିନ ଆରମ୍ଭ ଓ ରାତିରେ ଅନ୍ଧାରରେ ପିଲାଛୁଆଙ୍କ ନେଇ ଚଳିବା ଭାରିକଷ୍ଟ ରେ ଗତି କରୁଛନ୍ତି ।ପଂଚାୟତ ବାସୀ ମାସିକ ଦେୟ କରି ପଇଠ କରିବାକୁ ବିଭାଗୀୟ କର୍ମଚାରୀଙ୍କ ଅନୁରୋଧ କରିଥିଲେ ।ବିଦ୍ୟୁତ ବିଭାଗ ଟିକେ ହେଲେ କର୍ଣପାତ କଲେ ନାହିଁ



କାଟିଲେ କରେଣ୍ଟ ପ୍ରତିକ୍ରିୟାରେ କହିଛନ୍ତି। ଗାଁ ଅନ୍ଧାର ସହିତ ମାଧମିକ ବିଦ୍ୟାଳୟ ସହ ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଅନ୍ଧାରରେ ।ବେଶୀ ପ୍ରଭାବିତ ହେଉଛନ୍ତି ହଷ୍ଟେଲର ଛାତ୍ରଛାତ୍ରୀ ମାନେ ।ଇଲେକ୍ଟ୍ରି ନଥିବାରୁ ପାଣି ମଟର ଚାଲୁ ନାହିଁ ଯଦ୍ୱାରା ସ୍ୱଚ୍ଛ ନିମନ୍ତେ ବାହାରକୁ ଯିବାକୁ ପଡୁଛି ।ପାଠପଢ଼ାରେ ବ୍ୟାଘାତ ବି ହେଉଛି କହିଛନ୍ତି ଛାତ୍ରଛାତ୍ରୀ। ଏଥିନେଇ ବିଦ୍ୟୁତ ବିଭାଗର ଅଧିକାରୀ ନ୍କ ପ୍ରତିକ୍ରିୟା ମିଳୁନଥିବା ବେଳେ ପାପ୍ରମେଟଲା ସରପଞ୍ଚ ଠାରୁ ବାସୀନ୍ଧା ଦୁଇ ତିନିଦିନ ଭିତରେ ସମାଧାନ ନହେଲେ ରାସ୍ତା ଅବରୋଧ ସହ ଇଲେକ୍ଟ୍ରି ଅଫିସ ଘେରାଉ କରିବେ ବୋଲି କହିଛନ୍ତି।

# ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ



**ଯାଜପୁର,(ନି.ପ୍ର) :** ଯାଜପୁର ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଅତିରକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରୀଷ୍ଣ ଜେନା ଙ୍କ ଅଧ୍ୟକ୍ଷତାରେ ଶିଶ ଶ୍ରମିକ ନିରାକରଣ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ଟାସ୍କଫୋର୍ସ କମିଟିର ସଚିବ-ସଦସ୍ୟ ଆବାହକ ତଥା ଜିଲ୍ଲା ଶ୍ରମ ଅଧିକାରୀ ସୁଧିର କୁମାର ସାହୁ ଏହି ବୈଠକର ଉଦ୍ଦେଶ୍ୟ ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ବନ୍ଧରେ ଉପସ୍ଥିତ ସଦସ୍ୟ ମାନଙ୍କୁ ସୂଚନା ପ୍ରଦାନ କରିବା ସହିତ ଖୁବ ଶୀଘ୍ର ଜିଲ୍ଲାପାଳଙ୍କ ସ୍ଥିରୀକୃତ ବ୍ଲକ ଏବଂ ମାର୍କେଟ ମାନଙ୍କରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥା ଉପରେ ଚଢଉ କରି ଶିଶୁ ଶ୍ରମିକ ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରାଯିବା ସହିତ ସମ୍ପୃକ୍ତ ମାଲିକ ମାନଙ୍କ ବିରୁଦ୍ଧରେ ଶିଶୁ ଏବଂ କିଶୋର ଶ୍ରମିକ (ନିଷେଧ ଏବଂ ନିୟନ୍ତ୍ରଣ) ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ କ୍ଷ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଏଇ ଚଢାଉ କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ କହିବା ସହିତ ଆସନ୍ତା ୧୭ ତାରିଖରେ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନଙ୍କ ଦ୍ୱାରା ଆହୂତ ରାଜ୍ୟସ୍ତରୀୟ ବୈଠକରେ ସମସ୍ତ ସଦସ୍ୟ ଆଭାସୀ ମାଧ୍ୟମରେ ଯୋଗ ଦେଇ ନିଜର ମତାମତ ରଖିବାକୁ ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ତାଙ୍କ ଭାଷଣରେ ସବୁ ବିଭାଗ ମିଳି ମିଶି କାମ କଲେ ଆମ ଜିଲ୍ଲା ନିଶ୍ଚିନ୍ତ ଭାବେ ଶିଶୁ ଶ୍ରମିକ ମୁକ୍ତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ କମିଟିର ଉପସ୍ଥିତ ସଦସ୍ୟ ମାନଙ୍କୁ ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓ ବୈଠକ ପରିଚାଳନା କରିବା ସହିତ ନିଜ ଘରେ କୌଣସି ଶିଶୁ ଶ୍ରମିକ ନିୟୋଜିତ ନ କରିବା ପାଇଁ ସମସ୍ତ ସଦସ୍ୟ ମାନଙ୍କୁ ଶପଥ ପାଠ କରାଇଥିଲେ । ଅନ୍ୟତମ ସହକାରୀ ଶ୍ରମ ଅଧିକାରିଣୀ ଶ୍ରୀମତୀ ସୁନନ୍ଦା ବିଶ୍ୱାଳ ଶିଶୁ ଶ୍ରମିକ ସମ୍ବନ୍ଧୀୟ ଥିବା ନିୟମ କୁ ଅତି ବିସ୍ତୃତ ଭାବେ କମିଟି ସଦସ୍ୟ ମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଉକ୍ତ ବୈଠକରେ ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସଦସ୍ୟ ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଶିଶୁ ମଙ୍ଗଳ ସମିତି ସଦସ୍ୟ ଜୟନ୍ତ ଗୋସ୍ୱାମୀ, ଭାରପ୍ରାପ୍ତ ଜିଲ୍ଲା ସାମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସରୋଜିନୀ ଦାସ, ଚାଇଲ୍ଡ ଲାଇନ କର୍ମକର୍ତ୍ତା, ରୁଚିକା ଓ ଆସପାୟର ଏନଜିଓ ର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ । ସଭା ଶେଷରେ ସହକାରୀ ଶ୍ରମ ଅଧିକାରିଣୀ ଶ୍ରୀମତୀ ସୁନନ୍ଦା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜଦୋଳ ମିଳନ, ହସ୍ତଶିଳ୍ପ ପ୍ରଦର୍ଶନୀ, ରାଧାକୃଷ୍ଣ ମିଳନ ଉଦ୍ଯାପିତ

## ■ ୪୦ରୁ ଉର୍ଦ୍ଧ୍ୱ ବିମାନ ଯୋଗ ଦେଇଥିଲେ

**ବଡ଼ଚଣା,(ନି.ପ୍ର) :** ଛତିଆ ପ୍ରସିଦ୍ଧ ରାଜଦୋଳ ମିଳନ ଅବସରରେ ହସ୍ତଶିଳ୍ପ ପଦର୍ଶନୀ, ପୁସ୍ତକ ମେଳା, ପଲିଶ୍ରୀ ମେଳା ୬ତାରିଖ ରୁ ଆରମ୍ଭ ହୋଇ ୧୦ତାରିଖ ସନ୍ଧ୍ୟା ରେ ଉଦଯାପିତ ହୋଇଯାଇଛି। ୧୧ତାରିଖ ମଙ୍ଗଳବାର ସକାଳୁ ସକାଳୁ ଛତିଆ ରାଧା କୃଷ୍ଣ ମିଳନ ଅନୁଷ୍ଠିତ ହୋଇ ଆଖ ପାଖ ଅଞ୍ଚଳ ର ୪୦ରୁ ଉର୍ଦ୍ଧ ରାଧା କୃଷ୍ଣ ବିମାନ ଯୋଗଦେଇ ଭୋଗ ଖାଇ ସାରିବା ପରେ ବିଦାୟ ନେଇଛନ୍ତି। ୧୦ତାରିଖ ସନ୍ଧ୍ୟା ରେ ହସ୍ତଶିଳ୍ପ ପଦର୍ଶନୀ ପଡିଆରେ ଉଦଯାପନୀ ମଞ୍ଚ ରେ ପ୍ରସିଦ୍ଧ ବଙ୍ଗଳା ଗାୟିକା ଶର୍ମିଷ୍ଠା ସରକାର ଙ୍କ ଗୀତ ରେ ସମଗ୍ର ପଡିଆ ଦର୍ଶକଙ୍କ ଦ୍ୱାରା ଭୋରପୁର ହୋଇଯାଇଥିଲା। ଏହି ଅବସରରେ ସମିତି ସଭ୍ୟ ଦୀପକ ସାହୁ ଙ୍କ ସଭାପତିତ୍ୱ ରେ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ଏସଜେପିଏଲ ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ ନାୟକ, କମିଟି ର ଉପଦେଷ୍ଟା ମିହିର ପ୍ରତାପ ଡାସ, ଜିଲ୍ଲା ହସ୍ତଶିଳ୍ପ ବିଭାଗ ର ଉପ ନିର୍ଦ୍ଦେଶକ ପ୍ରଦୀପ୍ତ ମହାନ୍ତି, ପ୍ରସ୍ତର ଶିଳ୍ପୀ ମହେଶ୍ୱର ଓଝା, ସନ୍ତୋଷ ମହାନ୍ତି,ସମାଜସେବୀ ରଞ୍ଜନ ସାହୁ, ଭବାନୀ ମହାପାତ୍ର ପ୍ରମୁଖ ଯୋଗଦେଇ ଗୀତିକାର ଶର୍ମିଷ୍ଠା ସରକାର ଙ୍କୁ ସମ୍ବର୍ଦ୍ଧିତ କରିବା ସହ ହସ୍ତଶିଳ୍ପ ପଦର୍ଶନ ରେ ଯୋଗଦେଇଥିବା ୨୦ଟି ଜିଲ୍ଲାର ୧୨୦ଜଣ କାରିଗର ଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅମରେଶ୍ୱର ପୀଠ ନିକଟରେ ଆୟୋଜିତ ପୁସ୍ତକ ମେଳା କାଯ୍ୟକ୍ରମ ର ଉଦଯାପନୀ ଉତ୍ସବ ରେ ଅତିଥି ଭାବେ ସୋଲର,ବୈରୀ ପୋଲିସ ଟ୍ରେନିଂ କେନ୍ଦ୍ର ର ମୁଖ୍ୟ ଅଶୋକ ଦେହୁରୀ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ମିହିର ପ୍ରତାପ ଦାସ, ଧୀରେନ୍ଦ୍ର ନାଥ, ଭାଗ୍ୟଧର ମଲିକ,ସରପଞ୍ଚ ରମେଶ ପୁଷ୍ଟି, ରଶ୍ମିରଂଜନ ଷେଣ୍ଠ, ତପନ ବେହେରା, ଅରବିନ୍ଦ ଷେଣ୍ଠ, ଅଶୋକ ତ୍ରିପାଠୀ, ଜୟନ୍ତୀ ସ୍ୱାଇଁ, ସଞ୍ଜୟ ବେହେରା, ପ୍ରତାପ ସାହୁ, ଶ୍ରୀକାନ୍ତ ପ୍ରହରାଜ ପ୍ରମୁଖ ଯୋଗଦେଇ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ରୁ ଆସିଥିବା ପୁସ୍ତକ ବିକ୍ରେତା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୧୧ତାରିଖ ମଙ୍ଗଳବାର ସକାଳୁ ଛତିଆ ରାଧାକୃଷ୍ଣ ମିଳନ ଅନୁଷ୍ଠିତ ହୋଇଥିଲା ଏଥିରେ ବଡ଼ଚଣା, ମହାଙ୍ଗା ଓ ଟାଙ୍ଗୀ ଅଞ୍ଚଳ ର ୪୦ରୁ ଉର୍ଦ୍ଧ ବିମାନ ଯୋଗଦେଇଥିଲେ। ଏଥିରେ ନହରା ଶ୍ରୀ ଶ୍ରୀ ରାଧାକୃଷ୍ଣ ବିମାନ ଥାନପତି ରୂପେ ଆସନ ଅଳକୃତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୈରୀ, ସମସର ପୁର, ଠେଙ୍ଗଡ଼, ଦଶରାଜପୁର, ସୋଲର, ନେଳିଆ, ଅମୀୟ ଝରି, ବନ୍ଧାଳ, ଉପୁଳା, କୁକୁଡ଼ାଙ୍ଗ, ପଟଣା, ଭେଡା, ସାବୋ, ରାମପୁର ଓ ଶଶୀଲ ଆଦି ଗ୍ରାମ ର ବିମାନ ମାନେ ଘଣ୍ଟ କୀର୍ତନ ଓ ରୋଷଣୀ କରି ଆସିଥିଲେ। ଏହି ଅବସରରେ ଅତିଥି ଭାବେ ବୈରୀ ଥାନ ଅଧିକାରୀ ଶରତ କୁମାର ନାୟକ ଯୋଗଦେଇ ପ୍ରଥମ ଠାକୁର ଙ୍କୁ ଭୋଗ ଲଗାଇ ବିଦା କରିବା ପରେ ଅନୁଷ୍ଠାନ ର କର୍ମକର୍ତା ମାନେ ଅନ୍ୟ ସମସ୍ତ ଠାକୁର ମାନଙ୍କୁ ଭୋଗ ଲଗାଇ ବିଦାୟ କରିଥିଲେ। ବଡ଼ଚଣା ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ଡ଼ ଜଗନ୍ନାଥ ଦାସ ଙ୍କ ୧୧୫ତମ ଜନ୍ମ ଜୟନ୍ତୀ ଅବସରରେ ପ୍ରତି ବର୍ଷ ପରି ଚଳିତ ବର୍ଷ ବିମାନ ଗୁଡିକ ମେଳଣ ପଡିଆ ରୁ ବିଦାୟ ହେବା ପରେ ଜଗନ୍ନାଥ ଦାସ ଙ୍କ ଭବନ କୁ ଯାଇ ସେଠାରେ ମଧ୍ୟ ଭୋଗ ଓ ବିଦାକି ନେଇ ପ୍ରସ୍ଥାନ କରିଥିଲେ ।ସମସ୍ତ ବିମାନ ଆଣିଥିବା ଭକ୍ତ ଓ ରାଧାକୃଷ୍ଣ ମିଳନ ଦେଖିବାକୁ ଆସିଥିବା ସମସ୍ତ ଭକ୍ତ ମାନଙ୍କ ପାଇଁ ମଧ୍ୟ ପ୍ରସାଦ ସେବନ ର ବ୍ୱେବସ୍ତା କରାଯାଇଥିଲା। ଚଳିତ ବର୍ଷ ଛତିଆ ରାଜଦୋଳ ମିଳନ ଉତ୍ସବ ଓ ରାଧାକୃଷ୍ଣ ମିଳନ ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଛି। ବୈରୀ ଥାନ ପୋଲିସ ପକ୍ଷରୁ ୬ଦିନ ଯାକ ଜାଗ୍ରତ ରହି ଏଠାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।



# ବ୍ୟାସ ଫାଉଣ୍ଡେସନ ଦ୍ୱାରା ୪ ମାନସିକ ଭିନ୍ନକ୍ଷମ ଉଦ୍ଧାର




**ଜଗତସିଂହପୁର,(ନି.ପ୍ର) :** ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ସଂଗଠନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଓ ଅନ୍ୟାନ୍ୟ କର୍ମ କର୍ତ୍ତାମାନେ ବିବିଧ ସେବା ସହିତ ବିଶେଷ କରି ଅସହାୟ ଓ ନିରାଶ୍ରୟ ମାନସିକ ଭିନ୍ନକ୍ଷମ ମାନଙ୍କୁ ଉଦ୍ଧାର ଓ ଥଇଥାନ କରାଇବାରେ ଅନେକ ସଫଳତା ପାଇଛନ୍ତି । ମାନସିକ ଭିନ୍ନକ୍ଷମଙ୍କ ପ୍ରତି ଶ୍ରୀମତୀ ଆଚାର୍ଯ୍ୟଙ୍କର ଦରଦ ଓ ସମବେଦନା ସ୍ୱତନ୍ତ୍ର ଓ ନିଆରା ଅଟେ । ଏମାନଙ୍କୁ ଉଦ୍ଧାର ଓ ଥାଇଥନ କରିବା ସତେ ଯେମିତି ତାଙ୍କର ଉତ୍ସର୍ଗୀ କୃତ ପେଶା ଓ ନିଶା ଅଟେ । ଅଦ୍ୟ ତା - ୧୦-୦୩-୨୦୨୫ ରିଖ ସୋମବାର ଦିନ ଶ୍ରୀମତୀ ଆଚାର୍ଯ୍ୟ ଜଗତସିଂହପୁର ଓ ତତ୍ ସଂଲଗ୍ନ ଅଞ୍ଚଳରୁ ୪ଜଣ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରି, ପ୍ରାଥମିକ ଚିକିତ୍ସା ପରେ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ ଙ୍କ ସହନ୍ ସହଯୋଗ ଏବଂ ପତ୍ରାଙ୍କ ଆଧାରରେ ସେମାନଙ୍କୁ କଣାସ ସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନରେ ସୁରକ୍ଷିତ ଭାବେ ରଖି ପାରିଛନ୍ତି । କିଛି ଦିନ ପୂର୍ବରୁ ଉଦ୍ଧାର ହୋଇଥିବା ପାରାଦ୍ୱୀପ ଅଞ୍ଚଳର ୨ ଜଣ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ସୁସ୍ଥ ହେବା ସହ ଆଜି ମଧ ବିରିଡି ଅଞ୍ଚଳ ର ଜଣେ ଯୁବକ ଙ୍କୁ ଶ୍ରୀମତୀ ଆଚାର୍ଯ୍ୟ ସମ୍ପୂର୍ଣ୍ଣ ସୁସ୍ଥ କରି ତାଙ୍କ ପରିବାର କୁ ହସ୍ତାନ୍ତର କରିଛନ୍ତି । ଶ୍ରୀମତୀ ଆଚାର୍ଯ୍ୟଙ୍କ ଏପରି ଫଳେଚ୍ଛାରହିତ ସେବା ଓ ଜିଲ୍ଲା ପ୍ରଶାସନର ସହ ଭାଗୀତା ତଥା ନୀଳାଚଳ ସେବା ପ୍ରତିଷ୍ଠାନର ମୁଖ୍ୟ ସୁବାସ ଚନ୍ଦ୍ର ଗଜେନ୍ଦ୍ର ଓ ଅନୁଷ୍ଠାନ ର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ନିସଙ୍କ ,ଓ ଜୟଶ୍ରୀ ସରକ୍ଷବ ଙ୍କ ଉତ୍ସର୍ଗୀକୃତ ଦାୟିତ୍ୱ କୁ ବୁଦ୍ଧିଜୀବୀ ମାନେ ଅନେକ ପ୍ରଶଂସା କରିଛନ୍ତି।

# ବାଣୀକ୍ଷେତ୍ର ଶ୍ରୀକ୍ଷେତ୍ରମୟ: ଜଗନ୍ନାଥ ମହୋତ୍ସବ ଉଦ୍ଯାପିତ

**ଜଗତସିଂହପୁର,(ନି.ପ୍ର) :** ବାଣୀକ୍ଷେତ୍ର ଝଙ୍କଡ଼ ଶାରଳା ପୀଠରେ ଦ୍ୱାଦଶ ବାର୍ଷିକ ଜଗନ୍ନାଥ ପାଞ୍ଚରାତ୍ର, ଗତ ସୋମବାର ଏକାଦଶୀ ଦିନ, ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ଉଦଯାପିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଓ ଶାରଳା ସେବାୟତମାନଙ୍କ ଦ୍ୱାରା , ଗତ ମାର୍ଚ୍ଚ ୫ ତାରିଖ ଦିନ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ମହୋତ୍ସବ ଉଦଘାଟିତ ହୋଇଥିଲା। ଏଥିରେ ଲୀଳାମୟ ମହାପ୍ରଭୁ ଜଗନ୍ନାଥଙ୍କ ୨୪ ବେଶ, ୫୬ ଭୋଗ ମଣ୍ଡପ, ଜଗନ୍ନାଥ ପୁସ୍ତକ ମେଳା, ବିଶ୍ୱଶାନ୍ତି ମହାଯଜ୍ଞ, ଜଗନ୍ନାଥ ଙ୍କ ଉପାସନା ପୂଜାବିଧି ପ୍ରଶିକ୍ଷଣ ଶିବିର ଓ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଛି। ପ୍ରତି ସଂଧ୍ୟାରେ, ଶ୍ରୀ ଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ଦ୍ୱାରା, ସ୍କନ୍ଧ ପୁରାଣ ବର୍ଣ୍ଣିତ ମହାପ୍ରଭୁଙ୍କ ଲୀଳା ମାହାତ୍ମ୍ୟ ଆଧାରିତ, ତାତ୍ତ୍ୱିକ ଭାବପୂର୍ଣ୍ଣ ଧାରାବାହିକ ଦିବ୍ୟ ପ୍ରବଚନ ଆଦି ମହାନ ଆଧାତ୍ମିକ ସାରସ୍ୱତ ଓ ସାଂସ୍କୃତିକ କାର୍ଯକ୍ରମ, ଶ୍ରୀକ୍ଷେତ୍ର ବଡ ଦାଣ୍ଡର ଭ୍ରମ ସୃଷ୍ଟି କରିଥିଲା। ପଞ୍ଚମସନ୍ଧ୍ୟାର ଆକର୍ଷଣର କେନ୍ଦ୍ର ଥିଲା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓ ପ୍ରଥମ ଓଡ଼ିଆ କଥକ ନୃତ୍ୟଶିଳ୍ପୀ ଗୁରୁ ଚିତ୍ତରଞ୍ଜନ ସାହାଣୀ



ଓ ସଂଯୁକ୍ତା ସାହୁ ଙ୍କ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ। ଉଦଯାପନ ର ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁରୀ ଶ୍ରୀମନ୍ଦିରର ପଣ୍ଡିତ ସୁଦର୍ଶନ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଅଲୌକିକ ମହାମହିମାଲୀଳା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁନିପ୍ରବଚକ କେଶବ ଦ୍ୱିତିକୃଷ୍ଣ ପ୍ରାରମ୍ଭିକ ଆବାହନି ଭଜନ କରିଥିବା ବେଳେ , ରେଢୁଆ କ୍ରିୟାଯୋଗ ଆଶ୍ରମ ର ପ୍ରତିଷ୍ଠାତା ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି, ନିଜକୁ ସମର୍ପଣ କରିଦେଲେ ଭଗବତ କୃପା ଲାଭ ହୋଇଥାଏ ବୋଲି କହିଥିଲେ। ଟ୍ରଷ୍ଟର ସଭାପତି ଇଂ ବିଷ୍ଣୁ ଚରଣ ସ୍ୱାଇଁ ନିମନ୍ତ୍ରିତ ଅତିଥି ମାନଙ୍କୁ ଓ ସମସ୍ତ ଭକ୍ତସମାଜ କୁ ସ୍ୱାଗତ କରିବା ପରେ, ମା ଶାରଳା ଙ୍କ ନିତ୍ୟସେବକ୍ ସ୍ୱର୍ଗତ ରାମଚନ୍ଦ୍ର ରାଉଳଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ତିର୍ତ୍ତୋଲଥାନାର ଆଇ ଆଇ ସି ସୁବ୍ରତ କୁମାର ଦାସ, କନକପୁର ପୋଲିସ ଫାଣ୍ଡି ଅଧିକାରୀ ରାଜେନ୍ଦ୍ର କୁମାର ଭୋଳ, ସାମ୍ବାଦିକ ଉମା ଚରଣ ପାତ୍ରଙ୍କ ସମେତ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ମଞ୍ଚ ଉପରେ ସମ୍ମାନୀତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳଙ୍କ ସମେତ ସାରଳା ମନ୍ଦିରର ସମସ୍ତ ସେବାୟତ , ସ୍ଥାନୀୟ ଅଞ୍ଚଳର ଅଧିବାସୀ, ଜିଲ୍ଲାପ୍ରଶାସନ ଓ ବହୁ ସାଧୁ ସନ୍ଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କଲିଓଦା ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ଜଗତସିଂହପୁର,(ନି.ପ୍ର) :** ଜଗତସିଂହପୁର ବ୍ଲକ ଅଳସୁଧା ଗ୍ରାମ ପଂଚାୟତ ଅନ୍ତର୍ଗତ ସରକାରୀ ଉପ୍ରା ବିଦ୍ୟାଳୟ କଲିଓଦାରେ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଳସୀ ପ୍ରସାଦ ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାର ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ସମସ୍ତ ଅତିଥି ବୃନ୍ଦ । ଶିକ୍ଷୟତ୍ରୀ ନିବେଦିତା ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ସଭାରେ ସିଆରସିସି ଆର୍ତ୍ତତ୍ରାଣ ଦାସ, ଶିବପ୍ରସାଦ ନାୟକ, ପୂର୍ବତନ ସିଆରସିସି ପ୍ରଦୀପ କୁମାର ସ୍ୱାଇଁ,ଶିବପ୍ରସାଦ ନାୟକ, ଶେଷପ୍ରକାଶ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲିଙ୍ଗରାଜ ନାୟକ, ଆଲୁମିନି ସଭାପତି ରତିରଞ୍ଜନ ବେହେରା, ସରପଞ୍ଚ ଭ୍ରମରବର ସ୍ୱାଇଁ, କୃତୀ ଶିକ୍ଷକ ସୁଦର୍ଶନ ସ୍ୱାଇଁ, ସୁବଳ ଚରଣ ଷଡ଼ଙ୍ଗୀ, ସୁବଳ ଚରଣ ସ୍ୱାଇଁ,ଅର୍ଜୁନ ଚରଣ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶୈକ୍ଷିକ ସଂଯୋଜକ ତପନ କୁମାର ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗୁରୁଙ୍କୁ ଭକ୍ତି କରିବା ସହ ଜୀବନରେ କଠିନ ପରିଶ୍ରମ କରି ବିଦ୍ୟାଳୟର ନାମ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ଏଥିରେ ମୁଖ୍ୟ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ଅନସୂୟା ଭୋଇ ଯୋଗଦେଇ ଛାତ୍ର ଛାତ୍ରୀ ତଥା ଉପସ୍ଥିତ ଅବିଭାବକ ମାନଙ୍କୁ ସରକାରଙ୍କର ଶିକ୍ଷା ବିଭାଗ ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ଆଲୁମୁନି ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଅବିଭାବକ ଝୁମିଲେ ନୃତ୍ୟ ଗୀତରେ । ଶେଷରେ ଶିକ୍ଷୟତ୍ରୀ ଆଦ୍ୟାରଶ୍ମି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ସ୍ମୃତିରେଖା ମହାପାତ୍ର, ପ୍ରଣୀତା ମହାପାତ୍ର, ନିବେଦିତା ନାୟକ ପରିଚାଳନା କରିଥିଲେ ।

### ମାଲାମାଲ ହେଲେ ଗୌତମ ଗମ୍ଭୀର !

# ଚାମ୍ପିୟନ୍ସ ଟ୍ରଫି ଜିତିବା ପରେ ବିସିସିଆଇ ଦେଲେ ପୁରସ୍କାର



**ନୂଆଦିଲ୍ଲୀ,୧୨।୩ :** ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ, ଭାରତୀୟ କ୍ରିକେଟ ଟିମ୍ ଉପରେ ଟଙ୍କାର ବର୍ଷା ହୋଇଥିଲା। ଦୁବାଇରେ ଖେଳାଯାଇଥିବା ଫାଇନାଲରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ୪ ୱିକେଟରେ ପରାସ୍ତ କରିଥିଲା ଟିମ୍ ଇଣ୍ଡିଆ। ଏହା ପରେ ଓଉଉ ଟିମ ଇଣ୍ଡିଆ ପାଇଁ ଟଙ୍କାର ପେଡି ଖୋଲିଦେଲା। ଭାରତୀୟ ଦଳ ସହିତ ନ୍ୟୁଜିଲ୍ୟାଣ୍ଡ ଦଳକୁ ମଧ୍ୟ କୋଟି କୋଟି ଟଙ୍କାର ପୁରସ୍କାର ରାଶି ମିଳିଛି। ଗତ ଥର ତୁଳନାରେ ଆଇସିସି ଚାମ୍ପିଅନ୍ସ ଟ୍ରଫିର ପୁରସ୍କାର ରାଶି ୫୩ ପ୍ରତିଶତ ବୃଦ୍ଧି କରିଛି। ବିଜୟ ପରେ ଭାରତୀୟ ଦଳକୁ ୨.୪ ମିଲିୟନ ଆମେରିକୀୟ ଡଲାର (ପ୍ରାୟ ୧୯.୫ କୋଟି ଟଙ୍କା) ମିଳିଥିଲା। କେବଳ ଏତିକି ନୁହେଁ, ପରାଜିତ ନ୍ୟୁଜିଲାଣ୍ଡ ଦଳକୁ ୧.୧୨ ମିଲିୟନ ଡଲାର (ପ୍ରାୟ ୯.୭୨ କୋଟି ଟଙ୍କା) ପୁରସ୍କାର ରାଶି ଦିଆଯାଇଥିଲା। ସେମିଫାଇନାଲରେ ବାଦ ପଡ଼ିଥିବା ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ଦଳଗୁଡ଼ିକୁ ୫୬,୦୦୦ ଡଲାର(୪.୮୬ କୋଟି ଟଙ୍କା) ପୁରସ୍କାର ମିଳିଥିଲା। ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ମୋଟ ପୁରସ୍କାର ରାଶି ଥିଲା ୬.୯ ନିୟୁତ ଡଲାର(ପ୍ରାୟ ୬୦ କୋଟି ଟଙ୍କା)। ଏହି ସମୟରେ, ପ୍ରଶଂସକଙ୍କ ମନରେ ଏକ ପ୍ରଶ୍ନ ଉଠୁଛି ଯେ ଭାରତୀୟ ଦଳ ଟ୍ରଫି ଜିତିବା ପରେ କୋଟି କୋଟି ଟଙ୍କା ପାଇଛି, କିନ୍ତୁ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ବିସିସିଆଇ ପକ୍ଷରୁ କୌଣସି ପୁରସ୍କାର ମିଳିଛି କି? ୯ ଜୁଲାଇ, ୨୦୨୪ରେ, ଗମ୍ଭୀରଙ୍କୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରାଯାଇଥିଲା। ସେ ରାହୁଲ ଦ୍ରାବିଡଙ୍କ ସ୍ଥାନ ନେଇଥିଲେ। ତାଙ୍କ ନିଯୁକ୍ତି ପରେ, ଭାରତୀୟ ଦଳ ଅନେକ ଉତ୍ଥାନ-ପତନ ଦେଖିଥିଲା। ଦ୍ରାବିଡଙ୍କ ପ୍ରଶିକ୍ଷଣରେ, ଭାରତୀୟ ଦଳ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା। ସେହି ସମୟରେ, ଗମ୍ଭୀର କୋଲକାତା ନାଇଟ ରାଇଡର୍ସକୁ ଆଇପିଏଲ ୨୦୨୪ ଟାଇଟଲ ଦେଇଥିଲେ। ସୂଚନାଯୋଗ୍ୟ, ଗମ୍ଭୀର ବିଶ୍ୱର ସବୁଠାରୁ ଅଧିକ ଦରମା ପାଉଥିବା କ୍ରିକେଟ ପ୍ରଶିକ୍ଷକଙ୍କ ମଧ୍ୟରୁ ଜଣେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଗମ୍ଭୀରଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (BCCI) ରୁ ବାର୍ଷିକ ପ୍ରାୟ ୧୪କୋଟି ଟଙ୍କା ଦରମା ମିଳିଥାଏ। କେବଳ ଏତିକି ନୁହେଁ, ସେମାନଙ୍କୁ କାର୍ଯ୍ୟଦକ୍ଷତା ଭିତ୍ତିକ ପ୍ରୋତ୍ସାହନ, ଯାତ୍ରା ସୁବିଧା, ୫ ତାରକା ହୋଟେଲ ଏବଂ ବିଦେଶ ଗସ୍ତ ପାଇଁ ୨୫୦ ଆମେରିକୀୟ ଡଲାର (ପ୍ରାୟ ୨୧,୦୦୦ ଟଙ୍କା) ଭତ୍ତା ମିଳିଥାଏ। ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିବା ପାଇଁ ଗମ୍ଭୀରଙ୍କୁ କୌଣସି ପୃଥକ ପୁରସ୍କାର ରାଶି ମିଳିନାହିଁ।

# ଶୁଭମନଙ୍କୁ ଫେବୃଆରିର ଶ୍ରେଷ୍ଠ ଖେଳାଳି ଘୋଷଣା କଲା ଆଇସିସି



**ନୂଆଦିଲ୍ଲୀ,୧୨।୩ :** ଭାରତୀୟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ୍ ୨୦୨୫ ଫେବୃଆରି ପାଇଁ ଆଇସିସି ମାସର ଶ୍ରେଷ୍ଠ ଖେଳାଳି (ପ୍ଲେୟର ଅଫ ମନ୍ଥ) ଭାବେ ମନୋନୀତ ହୋଇଛନ୍ତି। ସେ ଏହି କ୍ଷେତ୍ରରେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଓ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସଙ୍କୁ ପଛରେ ପକାଇ ଏହି ପୁରସ୍କାର ହାସଲ କରିଛନ୍ତି। ଆଇସିସି ପକ୍ଷରୁ ଶୁଭମନ ଗିଲଙ୍କୁ ତୃତୀୟ ଥର ପାଇଁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଶୁଭମନ ଗିଲଙ୍କ ବ୍ୟାଟିଂ ଚମତ୍କାର ପ୍ରଦର୍ଶନ ଥିଲା। ଟିମ୍ ଇଣ୍ଡିଆର ବିଜୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଫେବୃଆରି ମାସରେ ଶୁଭମନଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା । ଏହି ମାସରେ ସେ ମୋଟ ୪୦୬ ରନ୍ କରିଥିଲେ, ଯେଉଁଥିରେ ଭାରତ ବନାମ ଇଂଲଣ୍ଡ ଦିନିକିଆ ଶୃଙ୍ଖଳା ଏବଂ ଚାମ୍ପିୟନ୍ସ ଟ୍ରଫିର ପ୍ରାରମ୍ଭିକ ମ୍ୟାଚ୍ ସାମିଲ ଥିଲା । ଫେବୃଆରି ମାସରେ ଶୁଭମନଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା । ଏହି ମାସରେ ସେ ମୋଟ ୪୦୬ ରନ୍ କରିଥିଲେ, ଯେଉଁଥିରେ ଭାରତ ବନାମ ଇଂଲଣ୍ଡ ଦିନିକିଆ ଶୃଙ୍ଖଳା ଏବଂ ଚାମ୍ପିୟନ୍ସ ଟ୍ରଫିର ପ୍ରାରମ୍ଭିକ ମ୍ୟାଚ୍ ସାମିଲ ଥିଲା । ଏହି ସମୟରେ ଶୁଭମନ ଗିଲଙ୍କ ଷ୍ଟ୍ରାଇକ୍ ରେଟ୍ ଓ ବ୍ୟାଟିଂ ଆଭରେଜ୍ ଉଲ୍ଲେଖନୀୟ ରହିଥିଲା। ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ୩ଟି ଦିନିକିଆରେ ଶୁଭମନ ଗିଲ୍ ପ୍ରତ୍ୟେକ ଥର ୫୦ରୁ ଅଧିକ ରନ୍ କରିଥିଲେ। ଏହାପରେ ଚାମ୍ପିୟନ୍ସ ଟ୍ରଫିରେ ନିଜର ପ୍ରଥମ ମ୍ୟାଚ୍ ପାଇଁ ପଡ଼ିଆକୁ ଓହ୍ଲାଇଥିବା ବେଳେ ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚରେ ଶତକ ହାସଲ କରି ନିଜର ଫର୍ମ ଘୋଷଣା କରିଥିଲେ। ତେବେ ଚାମ୍ପିୟନ୍ସ ଟ୍ରଫିର ସେମିଫାଇନାଲ ଓ ଫାଇନାଲ ମ୍ୟାଚରେ ଶୁଭମନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା ।

# ପହଁଚିଲେ ସିଆଇଏସଏଫ କୋଷ୍ଟାଲ ସାଇକ୍ଲୋଥନ୍



**ପାରାଦ୍ୱୀପ,(ନି.ପ୍ର) :** ଉପକୂଳ ସୁରକ୍ଷା ଏବଂ ପରିବେଶ ସଚେତନତାର ବାର୍ତ୍ତା ବାଣ୍ଟିବା ଉଦେଶ୍ୟ ରେ ଆରମ୍ଭ ହୋଇଥିବା ସି ଆଇ ଏସ ଏଫ କୋଷ୍ଟାଲ ସାଇକ୍ଲୋଥନ୍ ସାଇକେଲ ଯାତ୍ରା ପାରାଦ୍ୱୀପ ରେ ଆସି ପହଞ୍ଚିଛନ୍ତି । ପଶ୍ଚିମବଙ୍ଗର ବଖାଲି ବେଳାଭୂମିରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଦୀର୍ଘ ୫୦୦ କିଲୋମିଟର ଅତିକ୍ରମ କରି ପାରାଦ୍ୱୀପ ରେ ପହଞ୍ଚି ପରେ ପାରାଦ୍ୱୀପ ସି ଆଇ ଏସ ଏଫ ୟୁନିଟ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ସି ଆଇ ଏସ ଏଫ କମାଣ୍ଡାଣ୍ଟ ଶ୍ରୀ ଅକ୍ଷୟତ ପଟେଲ ବାଲେଶ୍ୱର ଡି ଆଇ ଜି ଡକ୍ଟର ସତ୍ୟଜିତ ନାୟକ ଏବଂ ସି ଆଇ ଏସ ଏଫ କମାଣ୍ଡାଣ୍ଟ ଶ୍ରୀ ସତ୍ୟବୀର ସିଂ ଆସୱାଲ ଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ୮ଜଣ ମହିଳାଙ୍କ ସମେତ ମୋଟ ୫୦ ଜଣ ସାଇକେଲ ଚାଳାକଙ୍କୁ ନେଇ ଗଠିତ ପୂର୍ବତଟ ଟିମ ପଶ୍ଚିମବଙ୍ଗ, ଓଡିଶା ଉପକୂଳ,ଆନ୍ଧ୍ର ପ୍ରଦେଶ ଓ ତାମିଲନାଡୁ ଦେଇ କନ୍ୟାକୁମାରୀ ସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକୀରେ ଶେଷ ହେବ । ଉପକୂଳ ସୁରକ୍ଷା ଓ ଜାତୀୟ ନିରାପତ୍ତା ସମ୍ପର୍କରେ ସଚେତନ ସୃଷ୍ଟି କରିବା ଏହି ଯାତ୍ରା ର ମୁଖ୍ୟ ଉଦେଶ୍ୟ । ଏହି ଦଳ ଓଡିଶା ଦେଇ ଆଗକୁ ବଢୁଥିବା ବେଳେ ' ସୁରକ୍ଷିତ ଉପକୂଳ, ସମୃଦ୍ଧ ଭାରତ ' ସେମାନଙ୍କ ବାର୍ତ୍ତା ରହିଛି ବୋଲି କମାଣ୍ଡେଣ୍ଟ ଶ୍ରୀ ଅକ୍ଷୟତ ପଟେଲ କହିଛନ୍ତି । ଏହି କାର୍ଯ୍ୟକ୍ରମ ରେ ପାରାଦ୍ୱୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସ୍ମୃତି ରଞ୍ଜନ କର ଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇଥିଲେ ।

# ମା' ରୁଦ୍ର ଭବାନୀ କ୍ଲବ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ



**ଆଠମଲ୍ଲିକ,(ନି.ପ୍ର) :** ସହର ସ୍ଥିତ ୯ ନମ୍ବର ରାମେଶ୍ୱର ପାଟଣା ଠାରେ ମା ରୁଦ୍ର ଭବାନୀ କ୍ଲବ ତରଫରୁ ରାତ୍ର କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ରେ ସମୁଦାୟ ୮ ଟି ଦଳ ଭାଗ ନେଇଥିଲେ କ୍ଷ ଫାଇନାଲ ମ୍ୟାଚ ରେ ଡେଞ୍ଜର ୱାରୀଅର୍ସ ଓ ବରଗାଁ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ ଖେଳ ରେ ଡେଞ୍ଜର ୱାରୀ ୟାରସ ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଏନ ଏ ସି ଅଧ୍ୟକ୍ଷ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ସଂମ୍ମାନିତ ଅତିଥି ଭାବେ ସାମ୍ବାଦିକ କମଳାକାନ୍ତ ମିଶ୍ର, ଶିକ୍ଷକ ସୁବ୍ରତ ପ୍ରଧାନ, ପଇଞ୍ଚକୁଳ ମହାବିଦ୍ୟାଳୟ ର ଡେମୋନଷ୍ଟ୍ରେଟର ବିଭୁ ରଞ୍ଜନ ସାହୁ, ଶିକ୍ଷା ବିତ କୃଷ୍ଣ ଚନ୍ଦ୍ର ଭୋକ୍ତା ପ୍ରମୁଖ ଯୋଗ ଦେଇ ଆୟୋଜକ ରୁଦ୍ର ଭବାନୀ କ୍ରିକେଟ କ୍ଲବ ର ଉଦ୍ୟମ କୁ ପ୍ରଶଂସା କରିବା ସହିତ ଯୁବ ସମାଜ କ୍ରୀଡ଼ା ପ୍ରତି ସବୁବେଳେ ଆଗ୍ରହ ରଖିଲେ ସମସ୍ତେ ସ୍ୱାସ୍ଥ୍ୟ ଠିକ ରହିବ ବୋଲି ମତ ବ୍ୟକ୍ତ କରିଥିଲେ । ବିଜୟୀ ଚାମ୍ପିୟନ ଓ ରନର୍ସ ଅପ ଦଳ କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମା ରୁଦ୍ର କ୍ରିକେଟ କ୍ଲବ ର ସଭାପତି ବିଶାଲ କୁମାର ସାହୁ, ସମ୍ପାଦକ ଯୁଧିଷ୍ଠିର ମହାକୁଡ଼, ସଦସ୍ୟ ଶୁଭ୍ରାଂଶୁ ଶେଖର ଭୋକ୍ତା, ଶିବୁ ରଣା, ସୁଧାଂଶୁ ଶେଖର ଭୋକ୍ତା, ସୁଜିତ କୁମାର ସାହୁ, ରମନ ପ୍ରଧାନ, ଓମ ପାଣ୍ଡେ, କରନ ପାଣ୍ଡେ, ଶୁଭମ ବେହେରା, ସୁଧୀର ବାଘ, ସୌମିତ୍ରୀ ପାଣ୍ଡେ, ଉମାକାନ୍ତ ବାଘ, ସିପୁନ କଉଡ଼ି, ବିଶୁ ମହାକୁଡ଼, ଚକ୍ରଧର ବାହୁକ, ଙ୍କ ସମେତ ମା ରୁଦ୍ର ଭବାନୀ କ୍ଲବ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ ।

# ଗୋପବନ୍ଧୁଉଚ୍ଚ ବିଦ୍ୟାଳୟରେ ଅଭିଭାବକ ସଚେତନତା ସଭା ଅନୁଷ୍ଠିତ



**କୋଇଡ଼ା,(ନି.ପ୍ର) :** ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, iDreamCareer ଦ୍ୱାରା ଅଭିଭାବକ ସଚେତନତା ସଭା ସଫଳତାର ସହିତ କରାଯାଇଛି। ଏହି ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ (DEO) ଏବଂ ଜିଲ୍ଲା ଖଣି ଫାଉଣ୍ଡେସନ୍ (DMF) ର ସହଯୋଗରେ ହୋଇଥିଲା। ଏହି ଘଟଣାର ଉଦ୍ଦେଶ୍ୟ ଛାତ୍ର-ଛାତ୍ରୀଙ୍କର ଡ୍ରପ୍ ଆଉଟ୍ କମାଇବା ଥିଲା ଏବଂ ୧୧୦ ଛାତ୍ର-ଛାତ୍ରୀ ଓ ୨୦ ଅଭିଭାବକ ସେଥିରେ ଅଂଶଗ୍ରହଣ କରିଥିଲେ। ଅଧିକାରି ଅତିଥିବୃନ୍ଦଙ୍କ ମଧ୍ୟରେ ବିଏଓ **କୋଇଡ଼ା,(ନି.ପ୍ର) :** ଚେୟାରମ୍ୟାନ୍ ସୁରେଶ୍ ନାୟକ ଓ DMF ପ୍ରତିନିଧି ପୂଜା ମା'ମ୍ ସେଥିରେ ଉପସ୍ଥିତ ଥିଲେ। ଉକ୍ତ ମାନୀ ଗୋପବନ୍ଧୁ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଏବଂ ଗୌରୀ ITI କଲେଜ୍, ବଣାଇଁର ପ୍ରତିନିଧିମାନେ ବୈକଳ୍ପିକ ଶିକ୍ଷା ଏବଂ ବୃତ୍ତିକୁ ନେଇ ତାଙ୍କର ଅନୁଭବ ଅଂଶଗ୍ରହଣ କରିଥିଲେ।ପ୍ରାଜ୍ଞିକ ବକ୍ତାମାନେ ଦକ୍ଷତା ଆଧାରିତ ଶିକ୍ଷା ଏବଂ ଛାତ୍ର-ଛାତ୍ରୀଙ୍କର ଡ୍ରପ୍ ଆଉଟ୍ ବ୍ୟାପ୍ତି କମାଇବା ନେଇ ସ୍ୱଚ୍ଛ ଆଲୋଚନା କରିଥିଲେ। ଏହି ଉଦ୍ୟମ ଛାତ୍ର ଓ ଅଭିଭାବକଙ୍କୁ ନିର୍ଭରଶୀଳ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସଚେତନ କରି, ବିଭିନ୍ନ ଅଧିକ କ୍ଷେତ୍ରରେ ତାଙ୍କର ବୃତ୍ତିକୁ ଅନ୍ତର୍ଗତ କରାଇବା ଉଦ୍ଦେଶ୍ୟ ରଖିଥିଲେ ।

# ଶ୍ରୀଜଗନ୍ନାଥ ପାଞ୍ଚରାତ୍ରର ଆଧ୍ୟାତ୍ମିକ ପରିଦର୍ଶନ

**ଭୁବନେଶ୍ୱର,(ନି.ପ୍ର) :** ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପକ୍ଷରୁ ଆଧ୍ୟାତ୍ମିକ ପରି ଦର୍ଶନ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାରେ ଶ୍ରୀଜଗନ୍ନାଥ ମନ୍ଦିର, ସିଦ୍ଧି ଭୈରବୀ ମନ୍ଦିର ମା ବାଳ କୁମାରୀ ଓ ମା ବୁଢୀ ଠାକୁରାଣୀ ମନ୍ଦିରକୁ ହୋଇଥିବା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ସଦସ୍ୟ ଓ ସଦସ୍ୟା ମାନଙ୍କୁ ନେଇ ପ୍ରତି ମାସରେ ଓଡିଶା ର ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଆକାର୍ଷଣୀୟ ଜାଗା ଗୁଡିକୁ ଏକ ଆଧ୍ୟାତ୍ମିକ ପରି ଦର୍ଶନ କାର୍ଯ୍ୟକ୍ରମ କରା ଯାଇଥାଏ । ଅନୁଷ୍ଠାନ ପକ୍ଷରୁ ୧୧. ୩.୨୫ ମଙ୍ଗଳବାର ଦିନ ଗଞ୍ଜାମ ଜିଲ୍ଲାର ଶ୍ରୀ ଜଗନ୍ନାଥ ମନ୍ଦିର, ସିଦ୍ଧି ଭୈରବୀ ମନ୍ଦିର ମା ବାଳ କୁମାରୀ ମନ୍ଦିର ମା ବୁଢୀ ଠାକୁରାଣୀ ମନ୍ଦିର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଯାତ୍ରା ରେ ପ୍ରାୟ ୫୦ ଜଣ ସଦସ୍ୟ ଓ ସଦସ୍ୟା ଯୋଗ ଦେଇ ବିଭିନ୍ନ ସ୍ଥାନ ପରିଦର୍ଶନ କରି ମନ୍ଦିର ରେ ପ୍ରସାଦ ଭୋଜନ କରି ଥିଲେ, ସ୍ଥାନ ଗୁଡିକ ବହୁତ ସୁନ୍ଦର ଓ ଆକର୍ଷଣୀୟ ଥିଲା । ଏହି କାର୍ଯ୍ୟକ୍ରମ ଲକୁ ଯୁଗ୍ମ ସମ୍ପାଦକ ଶ୍ରୀ ନିରଞ୍ଜନ ଦାଶ ସଂଗଠନ ସମ୍ପାଦକ ଡ଼ ନାରାୟଣ ମହାପାତ୍ର କୋଷାଧକ୍ଷ ସୁରେଶ ମିଶ୍ର କାର୍ଯ୍ୟକାରୀ ସଭ୍ୟ ତ୍ରିଲୋଚନ ନାୟକ, ପ୍ରଶାନ୍ତ ପାତ୍ର, ଭଗବାନ ଦାଶ ଶ୍ରୀନିବାସ ରାଓ ପ୍ରମୁଖ ପରିଚାଳନା କରିଥିଲେ ।

# ଆଇନଗତ ଢାଞ୍ଚାରେ ନିର୍ବାଚନ ପ୍ରକ୍ରିୟା ସୁଦୃଢ଼ କରିବା ଲକ୍ଷ୍ୟ

## ନିର୍ବାଚନ ପ୍ରକ୍ରିୟା ହେବ ମଜବୁତ

**ଛତ୍ରପୁର,(ନି.ପ୍ର) :** ଭାରତୀୟ ନିର୍ବାଚନ କମିଶନ ସମସ୍ତ ଜାତୀୟ ଏବଂ ରାଜ୍ୟ ସ୍ତରୀୟ ରାଜନୈତିକ ଦଳଙ୍କ ଠାରୁ ତିରିଶି ଏପ୍ରିଲ, ଦୁଇ ହଜାର ପଚିଶି ସୁଦ୍ଧା ଜିଲ୍ଲା କିମ୍ବା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ତରରେ ସମାଧାନ ହୋଇନଥିବା ଯେ କୌଣସି ସମସ୍ୟାର ସମାଧାନ ପାଇଁ ପରାମର୍ଶ ଆମନ୍ତ୍ରଣ କରିଛନ୍ତି। ଆଜି ରାଜନୈତିକ ଦଳଗୁଡିକ ନିମନ୍ତେ ଜାରି କରାଯାଇଥିବା ଏକ ବ୍ୟକ୍ତିଗତ ଚିଠିରେ ଆଇନ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ଉଭୟ ପକ୍ଷର ସୁବିଧାଜନକ ସମୟରେ ଦଳୀୟ ସଭାପତି ଏବଂ ବରିଷ୍ଠ ସଦସ୍ୟଙ୍କ ସହିତ ଏକ ଆଲୋଚନା କରିବାକୁ ମଧ୍ୟ ନିର୍ବାଚନ କମିଶନ ଇଚ୍ଛା ପ୍ରକାଶ କରିଛନ୍ତି । ଏହା ପୂର୍ବରୁ ଗତ ସପ୍ତାହରେ ଅନୁଷ୍ଠିତ ଏକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସି.ଇ.ଓ.,ଡି.ଇ.ଓ ଏବଂ ଇ ଆର ଓ ମାନଙ୍କୁ ରାଜନୈତିକ ଦଳଗୁଡିକ ସହିତ ନିୟମିତ ଆଲୋଚନା କରିବାକୁ,ଏପରି ବୈଠକରେ ପ୍ରାପ୍ତ ଯେ କୌଣସି ପରାମର୍ଶକୁ ପୂର୍ବରୁ ଥିବା ଆଇନଗତ ଢାଞ୍ଚା ମଧ୍ୟରେ କଡାକଡି ସମାଧାନ କରିବାକୁ ଏବଂ ଏକତିରିଶି ମାର୍ଚ୍ଚ ଦୁଇ ହଜାର ପଚିଶି ସୁଦ୍ଧା କମିଶନ ନିକଟରେ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜନୈତିକ ଦଳ ଗୁଡିକୁ ବିକେନ୍ଦ୍ରୀକରଣ ସମ୍ପର୍କର ଏହି ବ୍ୟବସ୍ଥାକୁ ସକ୍ରିୟ ଭାବରେ ବ୍ୟବହାର କରିବାକୁ ମଧ୍ୟ କମିଶନ ଅନୁରୋଧ କରିଥିଲେ। ନିର୍ବାଚନ ପ୍ରକ୍ରିୟାର ସମସ୍ତ ଦିଗକୁ ଅଧିନସ୍ଥ କରୁଥିବା ସାମ୍ବିଧାନିକ ଢାଞ୍ଚା ଅନୁଯାୟୀ କମିଶନ ଦ୍ୱାରା ଚିହ୍ନଟ କରାଯାଇଥିବା ଅଠେଇସି ଟି ହିତାଧିକାରୀଙ୍କ ମଧ୍ୟରୁ ରାଜନୈତିକ ଦଳଗୁଡିକୁ ଲେଖିଥିବା ଚିଠିରେ କମିଶନ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଜନପ୍ରତିନିଧିତ୍ୱ ଆଇନ ଉଣେଇଶସହ ପଚାଶ ଏବଂ ଉଣେଇଶସହ ଏକାବନ ଭୋଟର ପଞ୍ଜୀକରଣ ନିୟମ, ଉଣେଇଶସହ ଷାଠିଏ ନିର୍ବାଚନ ଆଚରଣ ନିୟମ, ଉଣେଇଶସହ ଏକସଠି ସୁପ୍ରିମକୋର୍ଟ ଙ୍କ ନିର୍ଦ୍ଦେଶ ଏବଂ ସମୟ ସମୟରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ, ମାନୁଆଲ ଏବଂ ହ୍ୟାଣ୍ଡବୁକ (ଯାହା ଭାରତୀୟ ନିର୍ବାଚନ କମିଶନରଙ୍କ ୱେବ୍ ସାଇଟ୍ ରେ ଉପଲବ୍ଧ) ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଏକ ବିକେନ୍ଦ୍ରୀକୃତ, ଦୃଢ ଏବଂ ସ୍ୱଚ୍ଛ ଆଇନଗତ ଢାଞ୍ଚା ପ୍ରତିଷ୍ଠା କରାଯାଇଅଛି । ଭାରତୀୟ ନିର୍ବାଚନ କମିଶନ୍ ଏହାକୁ ଅନୁପାଳନ କରିବା ଏବଂ ଜିଲ୍ଲାର ସମସ୍ତ ରାଜ ନୈତିକ ଦଳ ମାନଙ୍କୁ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଆମନ୍ତ୍ରଣ କରିଛନ୍ତି ।

# ହୋଲି ପାଇଁ ଶେରଗଡ ସହରରେ ରଙ୍ଗ ଓ ଅବିରର ପସରା

**ଶେରଗଡ,(ନି.ପ୍ର) :** ଆସନ୍ତା ଶୁକ୍ରବାର ଦୋଳ ପୂର୍ଣ୍ଣିମା ଏବଂ ଶନିବାର ହେଉଛି ହୋଲି। ରଙ୍ଗର ପର୍ବ ହୋଲି କୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ଲାଗି ବର୍ତ୍ତମାନ ଠାରୁ ଶେରଗଡ ସହର ଚଳଚଞ୍ଚଳ ହୋଇଛି। ସହରର ବିଭିନ୍ନ ସ୍ଥାନରେ ଖୋଲିଥିବା ରଙ୍ଗ ଦୋକାନ ରେ ବିଭିନ୍ନ କିସମର ରଙ୍ଗ, ପିଚକାରୀ,ଟୋପି, ଚଷମା ଉପଲବ୍ଧ ହେଉଛି। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ସବୁ ରଙ୍ଗ, ପିଚକାରୀ ଓ ଅନ୍ୟାନ୍ୟ ସାମଗ୍ରୀ ଦର ଆଶାତୀତ ଭାବେ ବୃଦ୍ଧି ପାଇଛି। ଶେରଗଡ ସହରର କେନ୍ଦ୍ର ସ୍ଥଳରେ ଥିବା ବିଭିନ୍ନ ସିଜନ ଷ୍ଟୋର ରେ ମାଲିକ ମାନେ ପ୍ରସ୍ତୁତ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ରଙ୍ଗର ପର୍ବ ହୋଲି ଲାଗି ବ୍ୟବସାୟ ଜୋର ଧରିନଥିଲେ ମଧ୍ୟ ଆଗାମୀ ଦିନରେ ନିଶ୍ଚିତ ଭାବେ ଭଲ ବ୍ୟବସାୟ ହେବାର ସମ୍ଭାବନା ରହିଛି। ଫଗୁ ଦଶମୀ ତିଥି ଠାରୁ ଶେରଗଡ ଅଞ୍ଚଳରେ ଦୋଳଯାତ୍ରା ଆରମ୍ଭ ହେଉଛି। ଦୋଳରେ ଦୋଳଗୋବିନ୍ଦ,ଚାପରେ ମଧୁସୂଦନ, ରଥରେ ବାମନ ରୂପୀ ଭଗବାନ ଙ୍କୁ ଦର୍ଶନ କଲେ ସାଂସାରିକ ମୋହ ମାୟା କବଳରୁ ମୁକ୍ତି ମିଳିଥାଏ ବୋଲି ଲୋକ ପ୍ରଥା ପ୍ରଚଳିତ ହୋଇ ଆସିଛି। ସଂସ୍କୃତି ସମ୍ପନ୍ନ ଶେରଗଡ ସହର ଓ ଏହାର ଆଖପାଖ ଅଞ୍ଚଳରେ ଦୋଳ ପୂର୍ଣ୍ଣିମା ଓ ହୋଲି ର ମାହୋଲ ଜମିବାରେ ଲାଗିଛି।

# ଇନଷ୍ଟାଗ୍ରାମରେ କୋହଲିଙ୍କ ରେକର୍ଡ ଭାଙ୍ଗିଲେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ,୧୨।୩:** ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଚାମ୍ପିୟନ୍ସ ଟ୍ରଫିରେ ବ୍ୟାଟ ଏବଂ ବଲ ଉଭୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ। ସେ କ୍ରିକେଟ ପଡ଼ିଆରେ ଅନେକ ରେକର୍ଡ କରିଛନ୍ତି କିନ୍ତୁ ଏବେ ସେ ସୋସିଆଲ ମିଡିଆରେ ମଧ୍ୟ ଏକ ବଡ଼ ରେକର୍ଡ କରିଛନ୍ତି। ସେ ଏକ ଇନଷ୍ଟାଗ୍ରାମ ପୋଷ୍ଟ କରିଥିଲେ, ଯେଉଁଥିରେ କିଛି ମିନିଟ ମଧ୍ୟରେ ଲାଇକ ସଂଖ୍ୟା ଲକ୍ଷ ଲକ୍ଷରେ ପହଞ୍ଚି ଯାଇଥିଲା। ଏହି ସମୟରେ, ସେ ବିରାଟ କୋହଲିଙ୍କ ଏକ ବଡ଼ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। ଫାଇନାଲ ଜିତିବା ପରେ, ହାର୍ଦ୍ଦିକ ପାଣ୍ଡ୍ୟା ଚାମ୍ପିୟନ୍ସ ଟ୍ରଫି ସହିତ ପିଚ୍ ?କୁ ଯାଇଥିଲେ, ସେ ଅକ୍ଷର ପଟେଲଙ୍କୁ ତାଙ୍କ ସହିତ ନେଇଥିଲେ ଯାହାଫଳରେ ସେ ତାଙ୍କର ଫଟୋ ଉଠାଇପାରିବେ। ଏହି ସମୟ ମଧ୍ୟରେ ଅନେକ କ୍ୟାମେରାମ୍ୟାନ ମଧ୍ୟ ସେଠାରେ ପହଞ୍ଚିଥିଲେ। ପାଣ୍ଡ୍ୟା ପିଚ୍‌ରେ ଟ୍ରଫି ସହିତ ତାଙ୍କର ପ୍ରତିଷ୍ଠିତ ପୋଜ ଦେଇଥିଲେ, ଯାହା ସେ ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ ମଧ୍ୟ ଦେଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏହି ପୋଷ୍ଟକୁ ମାତ୍ର ୬ ମିନିଟରେ ୧ ମିଲିୟନ ଲାଇକ ମିଳିଛି, ଏହା ଏକ ନୂତନ ରେକର୍ଡ ପାଲଟିଛି।

# ବିନା ସୂଚନା ଫଳକରେ ଚାଲିଛି ପଣସ ଖାଲ ଡ୍ୟାମ ରାସ୍ତା କାର୍ଯ୍ୟ

- ଡ୍ୟାମ ସାଜିଲାଣି ଖେଳ ପଡିଆ, କ୍ଷୁଦ୍ର ଜଳସେଚନ ବିଭାଗର ନଜର ପଡୁନାହିଁ
- ମାଟିମିସା ଚୋରା ମୁରମରେ ଚାଲିଛି କାର୍ଯ୍ୟ



**ନୂଆଗାଁ,(ନି.ପ୍ର) :** ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଂଚଳ ରେ ବିକାଶ ସହିତ ଚାଷୀ ଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସେହିପରି ଜଳ ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ଖର୍ଚ୍ଚ କରୁଛନ୍ତି ଟଙ୍କା କିନ୍ତୁ ଏଠି ଲୋକଙ୍କ ଆବଶ୍ୟକ ଅନୁଯାୟୀ କାର୍ଯ୍ୟ ନ ହୋଇ ଠିକାଦାରଙ୍କୁ ସୁହାଇଲା ଭଳି କାର୍ଯ୍ୟ ହେଉଛି। ଡ୍ୟାମ ରେ ପାଣି ନାହିଁ ଏକପ୍ରକାର ଖେଳ ପଡିଆ ପାଲଟି ଗଲାଣି କିନ୍ତୁ ପ୍ରତ୍ୟେକ ବର୍ଷ କେନାଲ ସଫା କେନାଲ ହୁଡା ମରାମତି ଓ ଡ୍ୟାମ ରାସ୍ତା କାର୍ଯ୍ୟ ପ୍ରତ୍ୟେକ ବର୍ଷ ନିର୍ମାଣ ହେଉଛି କିନ୍ତୁ ଡ୍ୟାମ ଖୋଳା କଥା କେବେ ହୋଇନାହିଁ। ବିନା ସୁଚନା ଫଳକରେ ପ୍ରତ୍ୟେକ ବର୍ଷ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା କିନ୍ତୁ ସାଧାରଣ ଲୋକ ମନରେ ସନ୍ଦେହ ଦୁର କରୁନାହାନ୍ତି ବିଭାଗ। କେତେ ଟଙ୍କା ଆସୁଛି କ'ଣ କାମ ହେବାକୁ ଆସୁଛି କିଏ କରୁଛି ସବୁ ଅନ୍ଧାରରେ ରଖି କାର୍ଯ୍ୟ ଚାଲୁଛି। ଏହିପରି ଦେଖିବାକୁ ମିଳିଛି ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ା ଝୋଲା ପଂଚାୟତର ପଣସ ଖାଲ ଡ୍ୟାମ ରେ ଏଠି ସହସହ ଚାଷୀ ପାଣି ଅଭାବରୁ ଚାଷ କାର୍ଯ୍ୟ ଛାଡ଼ି ସୁରାଟ ମୁହାଁ ହେଲେଣି। ଏଥିମଧ୍ୟରୁ ଅଂଚଳର ଚାଷୀ ସୁଚନା ଅଧିକାର ରେ ତଥ୍ୟ ମାଗିଥିଲେ ମଧ୍ୟ ତଥ୍ୟ ଦବାକୁ ପଛଘୁଂଚା ଦେଉଥିବା ଅଭିଯୋଗ କରିଛନ୍ତି। ହେଲେ ସରକାର ବଦଳିଥିବା ପରେ ମଧ୍ୟ କ୍ଷୁଦ୍ର ଜଳସେଚନ ବିଭାଗ ର ଲୋକଙ୍କ ଆବଶ୍ୟକ ଅନୁଯାୟୀ କାର୍ଯ୍ୟ କରିବା ମାନସିକତା ବଦଳି ନାହିଁ। ଏହି ବିଷୟରେ ବିଭାଗ ଜେଇ ଙ୍କ ମତାମତ ନେବାପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ଲାଗିନଥିଲା।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର